୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.194 Bhubaneswar Sunday September 08 2024 | ୨୬ତମ ବର୍ଷ ସଂଖ୍ୟା–୧୯୪ ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୦୮, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS



सत्यमेव जयते



## ନୂଆଁଖାଇ–୨୦୨୪ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ

## ବାର୍ତ୍ତା

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ "ନୂଆଁଖାଇ" ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହା ଏକ କୃଷିଭିତ୍ତିକ ପର୍ବ । ଏହି ପରିପ୍ରେକ୍ଷୀରେ ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ରଘୁବର ଦାସ)

DALS-28
15001/13/0145/2425

ଓଡ଼ିଶା ସରକାର



## ନୂଆଁଖାଇ ତିହାର୍ ଲାଗି ମୁଖ୍ୟମନ୍ତ୍ରୀଙ୍କର୍ ଅଭିନନ୍ଦନ୍

ପଶ୍ଚିମ୍ ଓଡ଼ିଶାର୍ ବଡ୍‌ଖା ତିହାର୍ ନୂଆଁଖାଇ ଲାଗି ସମ୍‌କୁ ମୋର୍ ନୂଆଁଖାଇ ଜୁହାର୍, ଶୁଭେଚ୍ଛା ଆର୍ ଅଭିନନ୍ଦନ୍ । ମାଁ ସମଲେଇଂକର୍ ଅପାର୍ କୃପାନୁ ଧରତୀ ମାଁ ଶସ୍ୟ ଶ୍ୟାମଳା ହଉ । ସମସ୍ତଙ୍କର୍ ଜୀବନ୍ ସୁଖ୍, ଶାନ୍ତି ଆର୍ ସମୃଦ୍ଧିଥି ଭରିଯାଉ, ଇଟା ହିଁ ମୋର କାମ୍‌ନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା




ADITYA BIRLA
HINDALCO

## Aditya Aluminium

(A Unit of Hindalco Industries Ltd.)

*The Flagship Unit of Hindalco Industries Ltd., having its Smelter and Captive Power Plants in Odisha, the Land of the Sun Temple.*



*Aditya means Sun, the Primal source of Light and Energy*

**Registered Office**
One International Center, Tower 4, 21st Floor,
Senapati Bapat Marg, Prabhadevi, Mumbai 400013
Tel: (91-22) 66917000, Fax: (91-22) 66917001
Corporate ID No. L27020MH1958PLC011238

**Aditya Aluminium**
At/ Po.- Lapanga
Dist- Sambalpur
Odisha -768212
Tel.: 0663-2536247, Fax : 0663-2536499









# ଟି ଟାଇମ୍

## ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

## ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ପୁରାଣ କାହାଣୀ

# ଅହଂକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଇଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଇ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଇ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାଡ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

# ଅଜବ ବନ୍ଧୁତା



ଅନେକ ଲୋକ ଅଛନ୍ତି ଯେଉଁମାନେ ସେମାନଙ୍କ ପୋଷା ଜୀବ ବିନା ମୁହୂର୍ତ୍ତେ ବଞ୍ଚିବାକୁ ଇଚ୍ଛା କରନ୍ତି ନାହିଁ । ଇଣ୍ଡୋନେସିଆର ସୁରାବାୟା ସହରରେ ରହୁଥିବା ହାଣ୍ଡାକୋ ନଜୋଟୁକାସାମା ତାଙ୍କର ପୋଷା କୁକୁର ଗୁଡିକୁ ତାଙ୍କୁ ପୁଅ ଝିଅ ପରି ଭଲ ପାଆନ୍ତି । ସେ ଯୁଆଡେ ଯାଆନ୍ତି କୁକୁର ଦୁଇଟିକୁ ସଙ୍ଗରେ ନେଇ ଯାଆନ୍ତି । ସେ ଏହି କୁକୁରଗୁଡିକର ସୁରକ୍ଷା ଓ ଷ୍ଟାଇଲର ପୁରାପୁରି ଯତ୍ନ ନିଅନ୍ତି । ସେ ସ୍କୁଟିରେ କୁକୁର ଦୁଇଟିକୁ ନେବା ସମୟରେ ମୁଣ୍ଡରେ ସେମାନଙ୍କୁ ହେଲମେଟ ଓ ଆଖିରେ ଚଷମା ପିନ୍ଧନ୍ତି ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼୍ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆମ୍ଭିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ 'ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲ ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ଟିକେ ଶୁଣିବା ଆସନ୍ତୁ ! !

'ଆଜ୍ଞା, ଟିକେ କାନ ପରୀକ୍ଷା କରାଇ ଦେଉନାହାଁନ୍ତି ?' - ଆଜିର ସମୟରେ ସାଧାରଣତଃ ଜଣକୁ ତାଙ୍କର ଦେହପାଆ ଭଲ ମନ୍ଦ କଥା ବୁଝି ଏହି କଥାଟି କୁଶଳ ମଙ୍ଗଳରେ ପଚାରିଲେ ଉତ୍ତର ପାଇବେ - 'ମୁଁ କ'ଣ କାଲା କି ?' ଅତି ବିନମ୍ର ଭାବେ ଏହି ଲେଖକ ଏହି ଶବ୍ଦଟିକୁ ସୂଚୀତ କରୁଛି କି ଯେ ମଣିଷ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାନ ପ୍ରତି ଆମେ ଯେ କେତେ ଅବହେଳା କରୁଛେ ତାହା ହିଁ ସବୁଠାରୁ ବଡ଼ ଉଦ୍‌ବେଗର କଥା। ଜଣେ ପରିଚୟ, ଗୌରବ, ସୁନ୍ଦରତା, ଶାଳୀନତା ସବୁକିଛି ଥାଇ ବି ଜଣଙ୍କ କଥା ବା ବେଦନା ଶୁଣି ନପାରିବା ଅତ୍ୟନ୍ତ ମର୍ମନ୍ତୁଦ। ବର୍ତ୍ତମାନର ସମୟରେ ଆମ କାନ ସୂଚନା ପ୍ରଯୁକ୍ତିର ଆଗୁଆ ଦୌଡ଼ ଭିତରେ ଅଧିକ କଷ୍ଟ ବି ପାଉଛି। ଅତ୍ୟାଧୁନିକ ମିଡ଼ିଆ ଯୋଗାଯୋଗ, ହାତ ପାହାନ୍ତାର ମୋବାଇଲ, ଗାଡ଼ିମଟରର କର୍କଶ ଧ୍ୱନୀ, ଧୂଳି, ଧୂଆଁ ସବୁକିଛି ତ ଆମ କାନର ପରିବେଶକୁ ଯେତିକି ବିଷାକ୍ତ କଲାଣି ତତୋଧିକ କ୍ଷତି କରିସାରିଲାଣି। ଏହି ଲେଖକ ଚିକିତ୍ସା ସେବା ଭିତରେ ଆଶ୍ଚର୍ଯ୍ୟକର ଭାବେ ଯୁବକ ମାନଙ୍କ ଠାରେ ଶ୍ରବଣହାନୀର ମାତ୍ରାଧିକ ସଂଖ୍ୟା ଦେଖିଛନ୍ତି ଯାହାକି ତାଙ୍କ କର୍ମବୃତ୍ତି ଜୀବନର ଏହି ପାଞ୍ଚ ବର୍ଷ ତଳେ ବି ସେ ସାମ୍ନା କରିନଥିଲେ। ମୋବାଇଲ ଓ ବ୍ଲୁଟୁଥ୍‌ର ବହୁଳ ବ୍ୟବହାର ହେଉଛି ଏହାର ପ୍ରମୁଖ କାରଣ। ପ୍ରଥମ ବିଶ୍ୱ ଶ୍ରବଣ ଦିବସ (ୱାର୍ଲଡ଼ ହିୟରିଂ ଡେ) ଡବ୍ଲ୍ୟୁଏଚ୍‌ଓ ଦ୍ୱାରା ୨୦୦୭ ମସିହାରୁ ଆରମ୍ଭ ହୋଇଥିଲା। ୨୦୧୬ ମସିହା ପର୍ଯ୍ୟନ୍ତ ଏହି ଦିବସଟିକୁ ଅନ୍ତର୍ଜାତୀୟ କର୍ଣ୍ଣଯତ୍ନ ଦିବସ (ଇଣ୍ଟର ନ୍ୟାସନାଲ ଇୟର କେୟାର ଡେ) ହିସାବରେ ପାଳନ କରାଯାଉଥିଲା। ମାର୍ଚ୍ଚ ୩ (୩.୩) ପ୍ରତୀକାତ୍ମକ ଭାବରେ ଜଣଙ୍କର ଦୁଇଟି କାନକୁ ବୁଝାଇଥାଏ। ଏହାକୁ ଆଧାର କରି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହି ଦିବସକୁ ଏକ ମହାନ କାର୍ଯ୍ୟ ପାଇଁ ଉତ୍ସର୍ଗ କରିଛି। ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଲା ବିଶ୍ୱରେ ଶ୍ରବଣ ସମସ୍ୟାକୁ ପ୍ରତିରୋଧ କରିବା ସଙ୍ଗେ ସଙ୍ଗେ ଜନ ସମାଜକୁ କାନର ଯତ୍ନ ନେବାରେ ବ୍ରତୀ କରିବା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏକ ହିସାବ ଅନୁଯାୟୀ ବିଶ୍ୱରେ ପ୍ରାୟ ୩୬କୋଟି ଲୋକ ଶ୍ରବଣହାନୀରେ ପୀଡିତ। ଯାହା ଏକ ପ୍ରକାର ବିକଳାଙ୍ଗତା ସୃଷ୍ଟି କରିଥାଏ। ପ୍ରାୟ ୧୦୦ କୋଟିରୁ ଅଧିକ ୧୨ରୁ ୩୫ ବର୍ଷୀୟ ଯୁବକ ଯୁବତୀ ମଧ୍ୟ ବିଭିନ୍ନ ଜାତିର ତୀବ୍ର ଶବ୍ଦ ଏବଂ ମୋବାଇଲ ଭଳି ରେଡ଼ିଏସନର ପ୍ରଭାବରେ ଅଳ୍ପ ବହୁତ ପ୍ରଭାବିତ ହୋଇଥାନ୍ତି। ତେଣୁ ଏଥିରୁ ବୁଝିବାକୁ ହେବ ଯେ ସମଗ୍ର ଜନସଂଖ୍ୟାର ପ୍ରାୟ ଶତକଡ଼ା ୬ ଭାଗ ଲୋକ ବଧୀରତାର ଶିକାର ହୋଇଥାନ୍ତି। ଏକ ହିସାବରୁ ଜଣାଯାଇଛି ଯେ ଇଂଲଣ୍ଡରେ ମାତ୍ର ୨୦% ଲୋକ ଶ୍ରବଣ ଦୋଷ ହେଲେ ଡାକ୍ତରଙ୍କୁ ପରାମର୍ଶ କରିଥାନ୍ତି। ଏହା ବ୍ୟକ୍ତି ଏବଂ ସମାଜ ପାଇଁ ବହୁତ କ୍ଷତିକାରକ। ଦକ୍ଷିଣ ଆଫ୍ରିକାର ଲୋକମାନେ ଶ୍ରବଣହାନୀ ହେବାର ୫ରୁ ୧୬ ବର୍ଷ ପର୍ଯ୍ୟନ୍ତ ଡାକ୍ତର ପରାମର୍ଶ ଲୋଡ଼ି ନଥାନ୍ତି ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ଏହି ସବୁ କାରଣରୁ ବ୍ୟକ୍ତିର କ୍ଷତି ହେବା ସଙ୍ଗେ ସଙ୍ଗେ ଦେଖାଯାଇଛି ଯେ ବିଶ୍ୱର ଅର୍ଥନୈତିକ ଅଭିବୃଦ୍ଧିରେ ପ୍ରାୟ ୭୫ହଜାର କୋଟି ଡଲାରର ବର୍ଷକୁ କ୍ଷତି ହେଉଛି। ଏହା ଏକ ବହୁତ ବଡ଼ ଆର୍ଥିକ କ୍ଷତି। ଏହା ହେଲା ଏକ ସାମଗ୍ରୀକ ଆକଳନ। ଭାରତ ଭଳି ବିକାଶମୁଖୀ ଦେଶ ମାନଙ୍କର କଥା ଆହୁରି ଭୟାନକ। ଏସବୁକୁ ଆଖି ଆଗରେ ରଖି ପ୍ରତି ବର୍ଷ ଏକ ଥିମ୍ ବା ବିଷୟବସ୍ତୁ ଉପରେ ଆଧାର କରି ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପ୍ରତି ବର୍ଷ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ଶ୍ରବଣ ଦିବସ ବା ୱାର୍ଲଡ଼ ହିୟରିଂ ଡେ ଭାବରେ ପାଳନ କରୁଛି। ଏ ବର୍ଷର ବାର୍ତ୍ତା ହେଲା 'ଚେକ୍ ୟୋର ହିୟରିଂ' (ଆପଣଙ୍କ କାନ ପରୀକ୍ଷା କରାଇ ଦିଅନ୍ତୁ)। ଏହି ଅବସରରେ ସାଧାରଣ ନାଗରିକଟିଏ କାନର କିଛି ଅସୁବିଧା ଥାଉ ବା ନଥାଉ ଶ୍ରବଣ ପରୀକ୍ଷା ବା ଅଡ଼ିଓ ମେଟ୍ରିକ କରାଇନେବା ଉଚିତ। ଏଥିପାଇଁ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ତରଫରୁ ଏହି ଦିନ ମାଗଣା ଶ୍ରବଣ ପରୀକ୍ଷାମାନ କରାଯାଉଛି। ଏଠାରେ କହିରଖିବା ଉଚିତ ଯେ କାନର କେତେକ ବିଶେଷ ଲକ୍ଷଣ ଥିଲେ ଜଣେ ନିଶ୍ଚିନ୍ତ ଭାବରେ ଶ୍ରବଣ ପରୀକ୍ଷା କରାଇନେବା ବାଞ୍ଛନୀୟ। ଉଦାହରଣ ସ୍ୱରୂପ - କାନରେ ଶବ୍ଦ ହେଲେ, କାନ ବିନ୍ଧା ହେଲେ, କାନକୁ କମ୍ ଶୁଭିଲେ, କାନ ଜାମ ଲାଗିଲେ, କାନ କୁଣ୍ଡେଇ ହେଲେ, ମୁଣ୍ଡ ବୁଲାଇଲେ, କାନରୁ ପାଣି କିମ୍ବା ପୂଜା ବାହାରିଲେ ବିଳମ୍ବ ନକରି ଯଥାଶୀଘ୍ର ନିକଟସ୍ଥ ବାକ୍‌ଶ୍ରବଣ ବିଶେଷଜ୍ଞଙ୍କୁ ପରାମର୍ଶ କରାଇବା ଉଚିତ। ଏହାଛଡ଼ା ନବଜାତ ଶିଶୁର ଶ୍ରବଣ ପରୀକ୍ଷା ନିହାତି ଅପରିହାର୍ଯ୍ୟ। ଆଜିକାଲି ମା'ପେଟରେ ଥିବା ସାତ ମାସରୁ ଉର୍ଦ୍ଧ୍ୱ ଶିଶୁର ଶ୍ରବଣ ପରୀକ୍ଷାମାନ କରାଯାଇପାରୁଛି। ସରକାରଙ୍କ ତରଫରୁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ନବଜାତ ଶିଶୁମାନଙ୍କର ଠିକ୍ ଜନ୍ମ ପରେ ପରେ ଶ୍ରବଣ ପରୀକ୍ଷା କରାଯାଉଛି। ଯାହାଦ୍ୱାରା ଭବିଷ୍ୟତରେ ସେମାନେ ଉପଯୁକ୍ତ ଚିକିତ୍ସା, ଉପଯୁକ୍ତ ସମୟରେ ପାଇପାରୁଛନ୍ତି। ଏତ ଗଲା ଶ୍ରବଣ ପରୀକ୍ଷାର କଥା। ଆଉ ଟିକେ ଯତ୍ନଶୀଳ ହେଲେ ଆମେ ଶ୍ରବଣଦୋଷକୁ ଅଟକାଇ ପାରିବା। ଉଦାହରର ସ୍ୱରୂପ ଅଧିକ ଲୁଣ ଖାଇଲେ, ଅଧିକ ପାଣି ପିଇଲେ, ଆଲକୋହଲ, ନିକୋଟିନ ଏବଂ ଟବାକୋ ଭଳି ନିଶାସେବନ କଲେ କାନର ସ୍ନାୟୁ ଦୁର୍ବଳ ହୋଇ ଶ୍ରବଣହାନୀ ହୋଇଥାଏ। ଏଥିରୁ ନିବୃତ୍ତ ରହିବା ଉଚିତ। ବହୁତ ସମୟ ଅଣ୍ଡାରୁ ନାକରୁ ପାଣିଗଡ଼େ ତାହାଦ୍ୱାରା କାନରେ ପାଣି ଏବଂ ପୂଜ ସୃଷ୍ଟି ହୋଇ ଶ୍ରବଣହାନୀ ହୁଏ। ସେଥିପାଇଁ ସର୍ଦ୍ଦି ହେବାକ୍ଷଣି ତାର ଉପଚାର କରିବା ସଙ୍ଗେ ସଙ୍ଗେ ସର୍ଦ୍ଦି ନହେବା ପାଇଁ ଧୂଳି, ଧୂଆଁ ଏବଂ ଅତ୍ୟଧିକ ଥଣ୍ଡା ଖାଦ୍ୟ, ଥଣ୍ଡା ପାନୀୟ ଠାରୁ ଦୂରେଇ ରହିବା ଉଚିତ। ମୁଣ୍ଡ ଧୋଇଲେ ଯଦି ଥଣ୍ଡା ଧରୁଥାଏ ତାହେଲେ ଔଷଧ ସେବନ କରି ଏକ ଘଣ୍ଟା ପରେ ମୁଣ୍ଡ ଧୋଇବା ଉଚିତ। ବିକାଶମୁଖୀ ଦେଶମାନଙ୍କରେ ଶତକଡ଼ା ୧୦୦ ଭାଗ ଶିଶୁ ଏ ସୁବିଧାରୁ ବଞ୍ଚିତ। ତେଣୁ ଆସନ୍ତୁ ଆମେ ଆବାଳ-ବୃଦ୍ଧ-ବନିତାଙ୍କର ଏହି ଦିନରେ ଶ୍ରବଣ ପରୀକ୍ଷା କରି ଭବିଷ୍ୟତ ପିଢ଼ୀଙ୍କ ପାଇଁ ଶ୍ରବଣହାନୀ ଭଳି ଏକ ବିକଳାଙ୍ଗ ବ୍ୟାଧିକୁ ମୂଳୋତ୍ପାଟନ କରିବା। ବର୍ତ୍ତମାନ ସମୟରେ ଏକ ପ୍ରକାର ଜାଣତ ଅଥଚ ଚିନ୍ତାଜନକ ମହାମାରୀ ଭାବେ ଶ୍ରବଣହାନୀ ସମସ୍ୟା ସବୁଠି ଦେଖିବାକୁ ମିଳୁଛି। କିନ୍ତୁ ବଡ଼ କଥା ହେଉଛି ଆମ୍ଭ ମାନଙ୍କ ଭିତରେ କିଛିଟା ସଚେତନତାକୁ ଜୀବନରେ କାର୍ଯ୍ୟରେ ଲଗାଇପାରିଲେ ସମସ୍ୟା ଗମ୍ଭୀର ହେବନାହିଁ ଓ ସମସ୍ୟାଟି ଦୈନନ୍ଦିନ ଜୀବନଯାପନରେ ସହଜସାଧ ହୋଇଯିବ।

# ଜାତୀୟ ପ୍ରତିରକ୍ଷା ଦିବସ




ଦେଶମାତୃକାରେ ସେବାରେ ସଦା ଉତ୍ସର୍ଗୀକୃତ ଆମର ସେନାବାହିନୀ ଜଳ, ସ୍ଥଳ ଓ ଆକାଶର ସୁରକ୍ଷା ପାଇଁ ଆମ ଦେଶରେ ସେନାକୁ ତିନି ଭାଗରେ ବିଭକ୍ତ କରାଯାଇଛି। ସ୍ଥଳସେନା, ନୌସେନା ଓ ବାୟୁସେନାର ଯବାନ ମାନେ ଏ ଦେଶର ସୁରକ୍ଷା, ଦେଶ ଓ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ତଥା ଶୃଙ୍ଖଳା ରକ୍ଷା ଦିଗରେ କାର୍ଯ୍ୟ କରିଥାନ୍ତି। ଏହି ତିନି ସେନାର ନବ କ୍ୟାଡ଼ରମାନଙ୍କୁ ତାଲିମ ପ୍ରଦାନ କରିବାକୁ ମହାରାଷ୍ଟ୍ର ପୁନେର ଖାଡ଼ାଖ୍ୱାସଲାରେ ରହିଛି ଜାତୀୟ ପ୍ରତିରକ୍ଷା ପ୍ରତିଷ୍ଠାନ। ଏହି ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସକୁ ଜାତୀୟ ପ୍ରତିରକ୍ଷା ଦିବସ ଭାବେ ପାଳନ କରାଯାଏ।

୧୯୪୧ ମସିହାରେ ସୁଦାନ ମୁକ୍ତି ସଂଗ୍ରାମରେ ଭାରତ ଭାଗ ନେଇ ସେ ଦେଶକୁ ସ୍ୱାଧୀନ କରିଥିଲା। ଏହାର ଫଳସ୍ୱରୂପ ସୁଦାନ ସରକାର ଭାରତକୁ ଉପହାର ଭାବେ ୭୦ ହଜାର ଡଲାର ଅର୍ଥ ଦାନ କରିଥିଲେ। ସେହି ଅର୍ଥରୁ ଦେଶ ବିଭାଜନ ପରେ ଭାରତ ଭାଗ୍ୟରେ ପଡ଼ିଥିଲ ୪୦ ହଜାର ଡଲାର। ତେବେ ସୁଦାନ ସରକାରଙ୍କ ସର୍ତ୍ତ ଅନୁସାରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ସହିଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅର୍ଥକୁ ଖର୍ଚ୍ଚ କରାଯିବ। ତେଣୁ ସେହି ଅର୍ଥରେ ୧୯୪୭ ମସିହାରେ ପୁନେର ପ୍ରତିଷ୍ଠା କରାଯାଇଥିଲା ଏନ୍‌ଡିଏ। ଏହା ୧୯୪୯ ମସିହାରେ କାର୍ଯ୍ୟକ୍ଷମ ହୋଇ ସେହିବର୍ଷ ମାର୍ଚ୍ଚ ୩ ତାରିଖରେ ପ୍ରଥମ ବ୍ୟାଚ୍ ତାଲିମ ଶେଷ କରି ସେନାରେ ଭାଗ ନେଇଥିଲେ। ତେଣୁ ସେହି ଦିନର ସ୍ମୃତିକୁ ବହନ କରି ପ୍ରତିବର୍ଷ ୩ ତାରିଖରେ ପାଳନ କରାଯାଏ ଜାତୀୟ ପ୍ରତିରକ୍ଷା ଦିବସ। ଏହି ପ୍ରତିଷ୍ଠାନ ନିର୍ମାଣ ପୂର୍ବରୁ ଭାରତୀୟ ସ୍ଥଳ ସେନା ଡେରାଡୁନ୍‌ରେ ଏବଂ ନୌସେନା ଓ ବାୟୁସେନା ବିଦେଶରେ ତାଲିମ ନେଉଥିଲା। କିନ୍ତୁ ଏନ୍‌ଡିଏ ପ୍ରତିଷ୍ଠା ଦ୍ୱାରା ଗୋଟିଏ ସ୍ଥାନରେ ତିନି ସେନାର ଯବାନମାନଙ୍କୁ ଏକକାଳୀନ ତାଲିମ ପ୍ରଦାନ କରାଯାଇଆସୁଛି।

# ସମାଜସେବାରେ ବ୍ରତୀ ଶୌଳେନ୍ଦ୍ରୀ ସେନାପତି



ପାରାଦୀପ (ପିଏନ୍)- ବନ୍ଦର ସହର ପାରାଦୀପକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ଲୋକମାନେ ଆସି ନିଜ ନିଜର ଜୀବିକା ନିର୍ବାହ କରିଥାନ୍ତି। ପାରାଦୀପ ସହର ତଥା ଆଖପାଖ ଲୋକଙ୍କ ସମସ୍ୟା କଥାକୁ ସଭିଏଁ ଅଣଦେଖା କରି ଚାଲିଯାଆନ୍ତି। ପାରାଦୀପରେ ବହୁ ମାନସିକ ବିକାରଗ୍ରସ୍ତ, ଗୃହଶୂନ୍ୟ ଲୋକମାନେ ରହିଥାନ୍ତି ସେମାନଙ୍କ କଥାକୁ କେହି ବି ତିଳେମାତ୍ର ହୃଦୟଙ୍ଗମ କରି ନ ଥାନ୍ତି। ପାରାଦୀପ ମଧୁବନରେ ରହୁଥିବା ମହିଳା ସମାଜସେବୀ ଶୌଳେନ୍ଦ୍ରୀ ସେନାପତି ଯିଏ କି ନିଜର ସମସ୍ତ କାମକୁ ପଛ କରି ସମାଜସେବାରେ ସଂପୂର୍ଣ୍ଣ ଭାବେ ସମର୍ପିତ ଓ ନିମଗ୍ନ। ମହାମାରୀ କରୋନାର ପ୍ରଥମ ଲହର ହେଉ କି ଦ୍ୱିତୀୟ ଲହର ଓ ତୃତୀୟ ଲହର ସବୁବେଳେ ସବୁ ସମୟରେ ଲୋକମାନଙ୍କ ପାଖରେ ସେ ଆଗରେ। କରୋନା କଟକଣା ସମୟରେ ରୋଜଗାର ହରେଇଥିବା ଲୋକମାନଙ୍କ ପାଖରେ ପହଂଚି ସେମାନଙ୍କୁ ଖାଦ୍ୟ ବଣ୍ଟନ କରିବା, ଜନସାଧାରଣଙ୍କୁ କରୋନା ସମ୍ପର୍କରେ ସଚେତନତା କରିବା, ମାସ୍କ ବଣ୍ଟନ କରିବା, ସାନିଟାଇଜର ବାଣ୍ଟିବା ଯେପରି ତାଙ୍କର ଏକ ନିଶା ପାଲଟି ଯାଇଥିବା ଦେଖିବାକୁ ମିଳିଥିଲା। ପାରାଦୀପ ଅଂଚଳର ମହିଳାମାନଙ୍କୁ ଏକଜୁଟ କରି ସେମାନଙ୍କୁ ସମାଜସେବାରେ ସାମିଲ କରି ସେ ଅନ୍ୟମାନଙ୍କ ପାଇଁ ଏକ ଅନନ୍ୟ ଉଦାହରଣ ପାଲଟି ଯାଇଛନ୍ତି। ଘରର ରୋଷେଇ ବାସ ଶେଷ କରି ମାସ୍କ ତିଆରି କରିବା ଏଥିରେ ଅନ୍ୟ ମହିଳାମାନଙ୍କୁ ସାମିଲ କରିବା ଏବଂ ଏହି ମାସ୍କଗୁଡିକୁ ନେଇ ବିଭିନ୍ନ ବସ୍ତିମାନଙ୍କରେ ରହୁଥିବା ଲୋକମାନଙ୍କୁ ବାଣ୍ଟିବା କ୍ଷେତ୍ରରେ ସେ ପାରାଦୀପରେ ଆଗୁଆ। ସର୍ବଭାରତୀୟ ସମାଜସେବୀ ସଂସ୍ଥା ଏନ୍.ଓ.ସି. ଫାଉଣ୍ଡେସନ୍‌ର ରାଜ୍ୟ ସଂଯୋଜିକା ଭାବେ ତାଙ୍କ କାର୍ଯ୍ୟକୁ ମିଳିଛି ସବୁ ସ୍ଥାନରେ ଉଚ୍ଚ ପ୍ରଶଂସା।

# ନାବାଳିକା ଦୁଷ୍କର୍ମ ଅଭିଯୁକ୍ତକୁ ୧୦ ବର୍ଷ ଜେଲ

ବାଲେଶ୍ୱର (ପିଏନ୍)-ଜନୈକ ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୋଗର ବିଚାର କରି ମାନ୍ୟବର ଅତିରିକ୍ତ ଜିଲ୍ଲା ଓ ଦୌରା ଜର୍ଜ ଜଗଦିଶ ପ୍ରସାଦ ମହାନ୍ତି ଅଭିଯୁକ୍ତ ଭାବଗ୍ରାହୀ ଦାସ (୭୦)କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ୨୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଦର୍ଶାଯାଇଛି। ସୂଚନା ଅନୁଯାୟୀ ଖଇରା ଥାନା ଅଧିନସ୍ଥ ଭଟେସ୍ୱର ଗ୍ରାମର ଭାବଗ୍ରାହୀ ଦାସ ତାଙ୍କ ଘରେ ଜଣେ ନାବାଳିକାଙ୍କୁ ଘରୋଇ କାମ କରିବା ପାଇଁ ରଖିଥିଲେ। ଶ୍ରୀ ଦାସ ତାଙ୍କୁ ମାନସିକ ନିର୍ଯାତନା ଦେବା ସହ ଦୁଷ୍କର୍ମ କରିଥିଲେ। ଖବର ପାଇ ଖଇରା ଚାଇଲଡଲାଇନ ନାବାଳିକାଙ୍କୁ ଉଦ୍ଧାର କରି ଥାନାରେ ଅଭିଯୋଗ କରିଥିଲେ। ଭାବଗ୍ରାହୀଙ୍କ ଘରେ ଏହି ୧୧ ବର୍ଷର ନାବାଳିକା ସହ ତା' ସାନ ଭାଇକୁ ଖଇରା ଚାଇଲଡଲାଇନ ନିର୍ଦ୍ଦେଶକ ମଦନମୋହନ ବେହେରା ଉଦ୍ଧାର କରିଥିଲେ। ଚାଇଲଡଲାଇନର ଅଭିଯୋଗ ମୂଳେ ପୁଲିସ କେସ ନଂ ୧୫୧/୧୬ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା।

# ଉତରପ୍ରଦେଶ ନିର୍ବାଚନ: କିଛି କଥା

ଜବାହରଲାଲ ନେହେରୁ, ଗୋବିନ୍ଦବଲ୍ଲଭ ପନ୍ଥ, ହେମବତୀ ନନ୍ଦନ ବହୁଗୁଣା, କମଳାପତି ତ୍ରିପାଠୀ, ଚୌଧୁରୀ ଚରଣ ସିଂ, ବିଶ୍ୱନାଥ ପ୍ରତାପ ସିଂ ନାରାୟଣ ଦତ ତିୱାରୀ, ମୁଲାୟମ ସିଂ ଯାଦବ ଏମାନେ ସଭିଏଁ ବଡ ନେତା। ଏମାନଙ୍କର ମୂଳଭିଟି ହେଉଛି ଉତରପ୍ରଦେଶ। ଲୋକସଭାର ୫୪୩ ଆସନ ଭିତରୁ ୮୦ ହେଉଚି ଉତରପ୍ରଦେଶର। ରାଜ୍ୟସଭାର ୨୪୫ ଆସନ ଭିତରୁ ଏଇ ରାଜ୍ୟର ସଭ୍ୟସଂଖ୍ୟା ହେଉଛି ୩୧। ଉତରପ୍ରଦେଶରେ ଏବେ ନିର୍ବାଚନ ବିଗୁଲ ବାଜି ୨୪ କୋଟିର ଭୋଟର ୪୦୩ ବିଧାନସଭା ଆସନ ପାଇଁ ଭୋଟ ଦେବେ। ଏତେ ଆସନ ଭାରତର ଅନ୍ୟ କୌଣସି ରାଜ୍ୟରେ ନଥିବାରୁ ଅନେକ କହନ୍ତି, ଉତରପ୍ରଦେଶର ମୁଖ୍ୟମନ୍ତ୍ରୀ ହେଉଚନ୍ତି ଭାରତର ପ୍ରଧାନମନ୍ତ୍ରୀ ପଦବୀର ପ୍ରାକ ତାଲିମ।

ଉତରପ୍ରଦେଶ ନିର୍ବାଚନ ସତରେ ଏକ ବିଚିତ୍ର ବୈଚିତ୍ର୍ୟ। କାରଣ କଥା ଏଠାରେ ଦେଖାଦେଇଥାଏ। ଏଠାକାର ଜନସଂଖ୍ୟାର ଶତକଡା ଅଶୀଭାଗ ହେଉଛନ୍ତି ହିନ୍ଦୁ। ଏଇ ହିନ୍ଦୁ ସମାଜ ପୁଣି ବିଭିନ୍ନ ଜାତି ଧର୍ମରେ ବିଭାଜିତ। ବ୍ରାହ୍ମଣ, ଠାକୁର ଓ ବଣିଆ - ଏମାନେ ହେଲେ ଉଚ୍ଚ ଜାତିର। ଏମାନଙ୍କ ସଂଖ୍ୟା ଶତକଡା ୧୮ ଭାଗ। ଉତରପ୍ରଦେଶରେ ଦଳିତମାନଙ୍କ ସଂଖ୍ୟା ହେଉଛି ୨୫ ଶତାଂଶ। ହିନ୍ଦୁମାନଙ୍କ ମଧ୍ୟରେ ଅନ୍ୟମାନେ ହେଲେ ଅନଗ୍ରସର ଜାତି ବା ଯାହାକୁ କୁହାଯାଉଛି ଓବିସି। ଏମାନଙ୍କ ମଧ୍ୟରେ ଅନେକ ଜାତି ଯେପରି ଯାଦବ ବା ଜାଠ ଅଛନ୍ତି ଯେଉଁମାନେ ଅନଗ୍ରସର ନୁହଁନ୍ତି। କିନ୍ତୁ ସେମାନେ ଓବିସି। କାରଣ ଏମାନେ ହେଉଛନ୍ତି ଗୁରୁତ୍ୱପୂର୍ଣ୍ଣ ଭୋଟବ୍ୟାଙ୍କ। ଏଣୁ ଏମାନଙ୍କୁ ସଂରକ୍ଷଣ ବାହାରକୁ ନେବାର କ୍ଷମତା କୌଣସି ରାଜନୈତିକ ଦଳର ନାହିଁ। ଉତରପ୍ରଦେଶ ଏମିତି ଏକ ରାଜ୍ୟ ଯେଉଁଠି ପ୍ରତି ପାଂଚ ମାଇଲରେ ଲୋକର ଭାଷା ବଦଳିଯାଏ।

ଦୁଃଖର ବିଷୟ ହେଉଛି ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଧର୍ମନିରପେକ୍ଷ ସମ୍ବିଧାନ ପରିଚାଳିତ ଉତରପ୍ରଦେଶ ହିନ୍ଦୁ ଗୋଷ୍ଠୀର ଜାତିପ୍ରଥାରୁ ମୁକୁଳିପାରି ନାହିଁ। ରାଜନୈତିକ ନେତାମାନେ ଏକଥା ଭଲ ଭାବେ ଜାଣନ୍ତି। ୨୦୧୯ ନିର୍ବାଚନରେ ପଶ୍ଚିମାଂଶରେ ବିଜେପିକୁ ଅଧିକ ସମର୍ଥନ ମିଳିଥିଲା। ଏଥରକ ବିଧାନସଭା ନିର୍ବାଚନରେ ସମୀକରଣ ପୂରାପୂରି ଅଲଗା। ହିନ୍ଦୁ ଓ ମୁସଲମାନ। ନିକଟରେ ହରିଦ୍ୱାରରେ ଅନୁଷ୍ଠିତ ହୋଇଯାଇଥିବା ଧର୍ମ ମହାସଭାରେ କୁହାଯାଇଛି, ହିନ୍ଦୁତ୍ୱ ଏବେ ବିପଦରେ।

ଠାକୁର ଓ ବ୍ରାହ୍ମଣମାନଙ୍କର ଗୋଷ୍ଠୀ ପୂରାପୂରି ଅଲଗା। ଅଶୀ ଦଶକରୁ ଏଇ ଦୁଇ ଜାତିର ସବୁଠୁ ଅଧିକ ନେତା ନିର୍ବାଚିତ ହୋଇଛନ୍ତି। ଏହାପରେ ଆସେ ଓବିସି ଓ ଦଳିତମାନଙ୍କର ପାଳି। ଏଠାରେ ବ୍ରାହ୍ମଣମାନଙ୍କର ସଂଖ୍ୟା ଶତକଡା ୧୨ ଭାଗ। ବଡ ବଡ ଆସନଗୁଡିକରେ ଏମାନେ ଯାହାକୁ ଚାହୁଁଥିଲେ, ନିର୍ବାଚିତ କରୁଥିଲେ। ତେଣୁ, ପନ୍ଥ, କମଳା ତ୍ରିପାଠୀ ଏବଂ ଇନ୍ଦିରା ଗାନ୍ଧୀ ନିର୍ବାଚିତ ହୋଇ ଆସୁଥିଲେ। ଷାଠିଏ ଦଶକର ଶେଷ ଭାଗରେ ଅଣକଂଗ୍ରେସ ଜମାନାରେ କେତେକ ଶକ୍ତିଶାଳୀ ଅଣବ୍ରାହ୍ମଣ ନେତା- ଚୌଧୁରି ଚରଣ ସିଂ, ରାମମନୋହର ଲୋହିଆ, ରାଜ ନାରାୟଣଙ୍କ ଉଦୟ ଘଟିଲା। ଇନ୍ଦିରା ଗାନ୍ଧୀଙ୍କ ସମୟରେ ଉତରପ୍ରଦେଶରେ ବ୍ରାହ୍ମଣ ନେତାମାନେ ଶାସନ କରୁଥିଲେ, କିନ୍ତୁ ଚୌଧୁରି ଚରଣ ସିଂ ନିର୍ବାଚନ ଗଣିତକୁ ଓଲଟପାଲଟ କରିଦେଲେ। ଜାଠଙ୍କ ସଂଖ୍ୟା କମ୍ ଥିବା ସତ୍ତ୍ୱେ ସେ ଶକ୍ତିଶାଳୀ ହେଲେ। ଦଳିତ ନେତ୍ରୀ ମାୟାବତୀଙ୍କ ରାଜନୈତିକ ଗୁରୁ ହେଲେ କାଂଶୀରାମ। ମୁଲାୟମ ଓ ମାୟାବତୀଙ୍କ ଶାସନ ଆରମ୍ଭ ହେଲା ଓ ବେଶ କିଛିଦିନ ଚାଲିଲା।

ଏହାପରେ ଆରମ୍ଭ ହେଲା ବିଜେପିର ଶାସନ। ମଣ୍ଡଳ ପରେ ଓବିସି ନେତା ମୁଲାୟମଙ୍କ ଉତ୍ଥାନ। ତା'ପରେ ଦଳିତ ନେତ୍ରୀ ମାୟାବତୀ। କିନ୍ତୁ ଆଡଭାନୀଙ୍କ ରଥଯାତ୍ରା ବିଜେପିକୁ କ୍ଷମତାକୁ ଆଣିବାର ପଥ ପରିଷ୍କାର କରିଦେଇଥିଲା। ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବାପରେ ବିଜେପିର ପ୍ରଭାବ ବ୍ରାହ୍ମଣ ଓ ବଣିଆଙ୍କ ଉପରେ ପଡିଲା। ବ୍ରାହ୍ମଣ ନେତା ବାଜପେୟୀଙ୍କ ନାମ, ଯୋଶୀଙ୍କ ଭଳି ନେତାଙ୍କୁ ଆଗରେ ରଖି ବିଜେପି ଅଧିକ ଶକ୍ତିଶାଳୀ ହେଲା। ଯାହାଫଳରେ ୨୦୧୭ ମସିହାରେ ବିଜେପି କ୍ଷମତାକୁ ଆସିଲା। ମୁଖ୍ୟମନ୍ତ୍ରୀ ହେଲେ ଗୋରକ୍ଷାପନ୍ଥୀ ଯୋଗୀ ଆଦିତ୍ୟନାଥ। ମୋଦିଙ୍କ ଆଶୀର୍ବାଦରେ ସେ ପୁରା ପାଂଚବର୍ଷ ଶାସନ କଲେ।

ଗତ ପାଂଚବର୍ଷ ଭିତରେ ଉତରପ୍ରଦେଶରେ ଦଳିତମାନଙ୍କ ଉପରେ ଅଧିକ ଆକ୍ରମଣ ହୋଇଛି। ଏଣୁ ଦଳିତମାନେ କ୍ଷୁବ୍ଧ। ସେମାନଙ୍କର ଗୁରୁତ୍ୱ ହ୍ରାସ ପାଇଛି ବୋଲି ସେମାନେ ଅନୁଭବ କଲେଣି। ବିଜେପି ଯଦିଓ ଅନ୍ୟ ଦଳିତ ନେତାମାନଙ୍କୁ ନିଜ ସପକ୍ଷରେ ଆଣିବାକୁ ଚେଷ୍ଟା ଚଳାଇଛି। ଦଳିତ ଭୋଟ ଯଦି ବିଭାଜିତ ହୁଏ ତେବେ ବିଜେପି ଲାଭବାନ ହେବ।

ତେବେ କୋଭିଡ ମହାମାରୀ, ଦାରିଦ୍ର୍ୟ ଓ ବେକାରି ନିର୍ବାଚନରେ ଏକ ପ୍ରମୁଖ ପ୍ରସଙ୍ଗ ହେବ। ବ୍ରାହ୍ମଣ ସମାଜ ମଧ୍ୟରେ ମଧ୍ୟ ବିଭାଜନ ଦେଖାଦେଇଛି। ତେବେ ରାମ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ କିଛିଟା ହିନ୍ଦୁ ଭୋଟ ବିଶେଷକରି ଉଚ୍ଚବର୍ଣ୍ଣର ଭୋଟକୁ ଏକାଠି କରିପାରିବ।

ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ବ୍ୟବଧାନ ବଢିଛି। ଜାତି ଧର୍ମଠାରୁ ଉପରକୁ ଉଠି ଭୋଟର ଭୋଟ ଦେବେ ଏକଥା ମଧ୍ୟ ସୂଚିତ ହୁଏ ନାହିଁ। ଏଣୁ ପୁଣି ଥରେ ଏଠାରେ ଜାତି ଧର୍ମ ଏକ ମୁଖ୍ୟ ପ୍ରସଙ୍ଗ ହେବ।

ତେବେ ୨୦୨୪ରେ ହେବାକୁ ଥିବା ସାଧାରଣ ନିର୍ବାଚନର ମୂଳଭିଟି ଉତରପ୍ରଦେଶ ନିର୍ବାଚନରୁ ମିଳିଯିବ। ମୋଦି ପୁଣି କ୍ଷମତାକୁ ଆସବେ କି ନାହିଁ ତାର ପ୍ରାକ୍ ସୂଚନା ଏଇ ନିର୍ବାଚନରୁ ମିଳିଯିବ।

# ବିକାଶରେ ସହୋଦୟ ସ୍କୁଲ୍ କମ୍ପ୍ଲେକ୍ସର ଅଧକ୍ଷମାନଙ୍କ ବୈଠକ



ଶାସନ, ସମ୍ବଲପୁର (ପିଏନ୍): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ସି) ଶିକ୍ଷାନୀତିରେ ପରିଚାଳିତ ବିଦ୍ୟାଳୟଗୁଡ଼ିକୁ ନେଇ ଗଠିତ 'ପଶ୍ଚିମ ଓଡ଼ିଶା ସହୋଦୟ ସ୍କୁଲ ସଂଘ'ର ଏକ କର୍ମଶାଳା ସ୍ଥାନୀୟ ବିକାଶ୍ ଦ କନ୍‌ସେପ୍ଟ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ା, ବଲାଙ୍ଗୀର, ବରଗଡ଼, ଦେବଗଡ଼, ଫୁଲବାଣୀର ପ୍ରଭୃତି ଜିଲ୍ଲାରୁ ୨୭ଗୋଟି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ। ସଂଗୀତ ଶିକ୍ଷକ ଲବ ଭୂୟାଁଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଏହି ବୈଠକର ଶୁଭାରମ୍ଭ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଅଧକ୍ଷ ମାନଙ୍କୁ ବିକାଶ୍ ଦ କନ୍‌ସେପ୍ଟ ସ୍କୁଲର ଅଧକ୍ଷ ଶ୍ରୀଯୁକ୍ତ ମନୋରଂଜନ ପତି ସ୍ୱାଗତ ଜଣାଇଥିଲେ। ସହୋଦୟ ସ୍କୁଲ କମ୍ପ୍ଲେକ୍ସର ଚେୟାର୍‌ମେନ୍ ତଥା ବିକାଶ ଆବାସିକ ବିଦ୍ୟାଳୟର ଅଧକ୍ଷ ଶିଶିର ପ୍ରସାଦ ରାଉଳ ଏହି କର୍ମଶାଳାର ଅଧକ୍ଷତା କରିବା ସହିତ ସଂଗଠନର ଆଭିମୁଖ୍ୟ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସହୋଦୟ ସ୍କୁଲ କମ୍ପ୍ଲେକ୍ସ ସ୍କୁଲର ସେକ୍ରେଟାରୀ ତଥା ଘନଶ୍ୟାମ ହେମଲତା ଇଂଲିଶ ମିଡିୟମ ସ୍କୁଲ, ଝାରସୁଗୁଡ଼ାର ଅଧକ୍ଷା ସଂଯୁକ୍ତ ଦାଶ ସଂଗଠନର ଆଗାମୀ କାର୍ଯ୍ୟଧାରା ସଂପର୍କରେ ସୂଚନା ଦେଇଥିଲେ। ଏହି ବୈଠକରେ ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ ବାତାବରଣ ସୃଷ୍ଟି ସାଙ୍ଗକୁ ସାମୂହିକ ଭାବେ ଛାତ୍ରଛାତ୍ରୀଙ୍କ ମାନସିକ, ଶାରୀରିକ ଓ ବୌଧିକ ବିକାଶ ଦିଗରେ କାର୍ଯ୍ୟ କରିବା ଉପରେ ସମସ୍ତେ ସହମତି ପ୍ରକାଶ କରିଥିଲେ। ସିବିଏସ୍‌ଇ ଦ୍ୱାରା ନିର୍ଦ୍ଦେଶିତ ଓ ପରିମାର୍ଜିତ ବିଭିନ୍ନ ନୂତନ ନିୟମ ଓ ପରୀକ୍ଷା ପଦ୍ଧତି ବିଷୟରେ ଆଲୋଚନା କରାଯାଇଥିଲା। ଶିକ୍ଷାବର୍ଷ ୨୦୨୨-୨୩ ପାଇଁ କ୍ରିୟାକଳାପ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ବିଭିନ୍ନ ସ୍କୁଲର ପ୍ରତିନିଧିମାନେ ଗୁରୁତ୍ୱାରୋପ କରିଥିଲେ। ରିଜିଓନାଲ୍ ଅଫିସର, ସିବିଏସ୍‌ଇ, ଭୁବନେଶ୍ୱର ଭିଡିଓ କନ୍‌ଫେରେନ୍‌ସିଂ ମାଧ୍ୟମରେ ଯୋଗଦେଇ ଉପସ୍ଥିତ ସମସ୍ତ ଅଧକ୍ଷଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଓରିଏଂଟାଲ୍ ପବ୍ଲିକ୍ ସ୍କୁଲ୍ ଅଧକ୍ଷା ଶ୍ରୀମତୀ ସୁନୀତା ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ବିକାଶ୍ ଦ କନ୍‌ସେପ୍ଟ ସ୍କୁଲ ଅଧକ୍ଷ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନପୂର୍ବକ ଅଭିନନ୍ଦନ ଜଣାଇଥିଲେ। ବିକାଶ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଚେୟାରମେନ୍ ତଥା ପରିଚାଳନା ନିର୍ଦ୍ଦେଶକ ଆଗାମୀ ଶିକ୍ଷାବର୍ଷର ଉନ୍ନତି ପାଇଁ ସମସ୍ତ ଅଧକ୍ଷମାନଙ୍କୁ ଉତ୍ସାହିତ କରିଥିଲେ।

# ପ୍ରସ୍ତାବିତ ରାଉରକେଲା-ଜରେଇକେଲା ଜାତୀୟ ରାଜପଥର ଦିଗ ପରିବର୍ତ୍ତନ ପାଇଁ ଦାବି

ରାଉରକେଲା (ପିଏନ୍): ରାଉରକେଲା ହକି ଛକଠାରୁ ଜରେଇକେଲା ପର୍ଯ୍ୟନ୍ତ ପ୍ରସ୍ତାବିତ ଜାତୀୟ ରାଜପଥ ୩୨୦-ଡିର ଦିଗ ପରିବର୍ତ୍ତନ ପାଇଁ ବନ୍ଧମୁଣ୍ଡା ଅଞ୍ଚଳର ବାସିନ୍ଦାମାନଙ୍କ ତରଫରୁ ଦାବି କରାଯାଇଛି। ଏହି ମର୍ମରେ ଏକ ସ୍ମାରକପତ୍ର ଓଡିଶା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇ ଏହାର ନକଲ ଜାତୀୟ ରାଜପଥ ବିଭାଗ କେନ୍ଦ୍ରମନ୍ତ୍ରୀ ନିତିନ ଗଡକରୀ, ସୁନ୍ଦରଗଡ ଜିଲ୍ଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି ତଥା ଜାତୀୟ ରାଜପଥ ବିଭାଗର ସ୍ଥାନୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ବନ୍ଧମୁଣ୍ଡା ଅଞ୍ଚଳର ବାସିନ୍ଦା ଓ ବ୍ୟବସାୟୀମାନେ ରାଉରକେଲା କଂଗ୍ରେସର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତିଙ୍କ ନେତୃତ୍ୱରେ ସ୍ଥାନୀୟ ଅତିରିକ୍ତ ଜିଲ୍ଲାପାଳଙ୍କ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ସାକ୍ଷାତ କରି ବର୍ତ୍ତମାନର ରାସ୍ତା ଉପରେ ରାଉରକେଲା ସହର ଓ ବନ୍ଧମୁଣ୍ଡା ମଧ ଦେଇ ଜାତୀୟ ରାଜପଥ ନିର୍ମିତ ହେଲେ ବନ୍ଧମୁଣ୍ଡା ଅଞ୍ଚଳର ହଜାର ହଜାର ଲୋକ ବାସହରା ହୋଇ ନିଜର ଜୀବିକା ହରାଇବେ ସେ ସମ୍ପର୍କରେ ଅବଗତ କରାଇଥିଲେ। ଆହୁରି ମଧ ଏହି ଜାତୀୟ ରାଜପଥ ରାଉରକେଲା ଓ ବନ୍ଧମୁଣ୍ଡା ମଧଦେଇ ଗତି କଲେ ବନ୍ଧମୁଣ୍ଡା ଅଞ୍ଚଳର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ, ରେଲୱେ ହାଇସ୍କୁଲ ଓ ରାଜ୍ୟ ସରକାରଙ୍କ ହାଇସ୍କୁଲ ତଥା ଏକ ମହାବିଦ୍ୟାଳୟ କିଭଳି ପ୍ରଭାବିତ ହେବ ସେ ସମ୍ପର୍କରେ ପ୍ରଦତ୍ତ ସ୍ମାରକପତ୍ରରେ ଉଲ୍ଲେଖ କରିଥିବା ଅବଗତ କରାଇଥିଲେ। ଏଥିସହ ଏହି ଜାତୀୟ ରାଜପଥ ରାଉରକେଲା ସହର ମଧ୍ୟରେ ଗତିକଲେ ରାଉରକେଲା ସ୍ମାର୍ଟସିଟିର ବିକାଶରେ ବାଧା ସୃଷ୍ଟି ହେବା ସହିତ ସହର ମଧ୍ୟରେ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇବ ବୋଲି ଉଲ୍ଲେଖ କରି ଏହାର ଦିଗ ପରିବର୍ତ୍ତିତ ପାଇଁ ଦାବି କରିଥିଲେ। ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରାଉରକେଲା ବିଶ୍ରା ଛକଠାରୁ ବନ୍ଧମୁଣ୍ଡା ଡି କେବିନ ପର୍ଯ୍ୟନ୍ତ ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଲୋକ ବସବାସ କରୁଥିବା ବେଳେ ରାସ୍ତା କଡରେ ବିଭିନ୍ନ ବ୍ୟବସାୟ କେନ୍ଦ୍ର ଖୋଲି ନିଜର ଜୀବନ ନିର୍ବାହ କରୁଛନ୍ତି। ତେଣୁ ଏହି ରାସ୍ତା ମଧଦେଇ ଜାତୀୟ ରାଜପଥ ଯାଏ ତେବେ ସମ୍ପୃକ୍ତ ଲୋକମାନେ ବିଶେଷ କ୍ଷତିଗ୍ରସ୍ତ ହେବା ସହିତ ବନ୍ଧମୁଣ୍ଡା ଅଞ୍ଚଳର ରେଳ କର୍ମଚାରୀମାନେ ମଧ ଗୁରୁତର ଟ୍ରାଫିକ୍ ସମସ୍ୟାର ସମ୍ମୁଖୀନ ହେବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇ ଏ ଅଞ୍ଚଳରେ ଦୁର୍ଘଟଣା ବୃଦ୍ଧି ପାଇବ ବୋଲି କୁହାଯାଇଛି।

# ବାଲେଶ୍ୱରରେ ପଲ୍‌ସ ପୋଲିଓ ଟିକାକରଣ ଅଭିଯାନ

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଜିଲ୍ଲାରେ ପଲ୍‌ସ୍ ପୋଲିଓ ଟିକାକରଣ ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଟିକାକରଣ ଅଭିଯାନ ତିନି ଦିନ ଧରି ଚାଲିବ। ପ୍ରଥମ ଦିନରେ ଜିଲ୍ଲାର ପ୍ରତି ବ୍ଲକରେ ସ୍ଥାପିତ ବୁଥ୍‌ଗୁଡିକରେ ୦(ଶୂନ)ରୁ ୫(ପାଂଚ) ବର୍ଷର ଶିଶୁମାନଙ୍କୁ ଏହା ଦିଆଯିବାକୁ ଥିବା ବେଳେ କୌଣସି କାରଣରୁ ବାଦ୍ ପଡିଯାଇଥିବା ଶିଶୁମାନଙ୍କୁ ଆସନ୍ତା ଦୁଇ ଦିନରେ ଏହା ଦିଆଯିବ। ସ୍ୱାସ୍ଥ୍ୟକର୍ମୀମାନେ ଏହି ଦୁଇଦିନ ଘର ଘର ବୁଲି ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଖୁଆଇବେ। ଏହି ଟିକାକରଣ ଅଭିଯାନ ପାଇଁ ଜିଲ୍ଲାରେ ସର୍ବମୋଟ ୧୦୬୩ଟି ବୁଥ୍ ପ୍ରତିଷ୍ଠା କରାଯାଇଛି। ୪୨୫୨ ଜଣ କର୍ମଚାରୀ ୨୧୨୬ଟି ଟିମରେ ବିଭକ୍ତ ହୋଇ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବେ। ଏଥିପାଇଁ ୨୦୯ଜଣ ସୁପରଭାଇଜର ଓ ୨୦୯ଟି ଗାଡି ନିୟୋଜିତ ହୋଇଛନ୍ତି। ଜିଲ୍ଲାର ୨ଲକ୍ଷ ୧୨ହଜାର ୪୫୮ଜଣ ଶିଶୁଙ୍କୁ ଟିକାକରଣ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମ ଯେପରି ସଫଳତାର ସହ ଆୟୋଜିତ ହେବ ଏବଂ କେହି ବି ଜଣେହେଲେ ଶିଶୁ ଯେପରି ଏଥିରୁ ବଂଚିତ ନ ହେବେ ସେଥିପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାରେ ପଲସ୍ ପୋଲିଓ ଟିକାକରଣ ଅଭିଯାନର ଶୁଭାରମ୍ଭ ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳ ସେନ ଜଗଦେବ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର, ଏଡିପିଏଚଓ ଡା. ଶଶାଙ୍କ ଶେଖର ଚୌଧୁରୀ, ଡିପିଏମ ଶ୍ରୀ ଅନୀଲ କୁମାର ମହାନ୍ତି, ଡିଏମଆରସିଏଚ ଏଲିନା ସାମଲ, ଆଇସିଡିଏସ୍ ପ୍ରୋଗ୍ରାମ ଅଫିସର ଶ୍ରୀମତୀ ଦ୍ରୌପଦୀ ମାର୍ଣ୍ଡିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।




# ଭଲ ହୁଅ ଏବଂ ଭଲ ଦେଖ !

ଆମେ ସମସ୍ତେ କହୁ ଯେ ଭଲ ହେବା ଓ ଭଲ ଦେଖିବା କିନ୍ତୁ ଏହା ଏକ ଛଳନା କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଆମ୍ଭେମାନେ ଆମ୍ଭମାନଙ୍କ ବ୍ୟକ୍ତିତ୍ୱକୁ ଅନ୍ୟମାନଙ୍କ ପାଇଁ ଆଦର୍ଶର ପ୍ରେରଣା ସୃଷ୍ଟି କରିପାରିନାହୁଁ। ଭଗବାନଙ୍କ ନାମସ୍ମରଣ ଅର୍ଥ ଏକ ଉନ୍ନତ ନୈତିକ ଚେତନାର ବିକାଶ କରିବା ଆମର ଅନ୍ତର ଏହି ପ୍ରକାରେ ଦୀପ୍ତିରେ ସଦା ପ୍ରଜ୍ୱଳିତ ହୋଇ ରହିବା ଉଚିତ। ଆମେ ଜାଣୁ ଯେ ଆଲୋକ ଯେତେବେଳେ ଉଭେଇ ଯାଏ, ସେତେବେଳେ ଅନ୍ଧକାର ଘୋଟି ଆସେ। ଆମର ଦୃଷ୍ଟି ଯେତେବେଳେ ନିର୍ମଳ ହେବ ସେତେବେଳେ କେବଳ ଭଗବାନଙ୍କୁ ଆମେ ଦେଖିପାରିବା। ଅପରିଷ୍କୃତ ମନ କେବଳ ଖରାପ କଥା ହିଁ ଦେଖିବ।

ଯୁଧିଷ୍ଠିର ଥିଲେ ଧର୍ମପରାୟଣ ରାଜା। ସେହି ସମୟରେ ଦୁର୍ଯ୍ୟୋଧନ ଥିଲେ ଅତ୍ୟନ୍ତ ଦୁର୍ମତିସଂପନ୍ନ ବିଧର୍ମୀ ରାଜା। ଦିନେ ଭଗବାନ କୃଷ୍ଣ ତାଙ୍କ ପାଇଁ ଏକ ଖଳ ପ୍ରକୃତିର ଲୋକକୁ ଖୋଜି ଆଣିବାକୁ ଧର୍ମରାଜ ଯୁଧିଷ୍ଠିରଙ୍କୁ କହିଲେ। ଯୁଧିଷ୍ଠିର ସବୁଆଡ଼େ ପରିଭ୍ରମଣ କରି ଗୋଟିଏ ହେଲେ ମନ୍ଦ ଲୋକ ନପାଇ କୃଷ୍ଣଙ୍କ ନିକଟକୁ ଫେରି ଆସିଲେ। ତା'ପରେ କୃଷ୍ଣ ତାଙ୍କ ନିକଟକୁ ଜଣେ ମାତ୍ର ଭଲ ଲୋକଙ୍କୁ ଆଣିବା ପାଇଁ ଅନାଚାରୀ ଦୁର୍ଯ୍ୟୋଧନଙ୍କୁ ଆଦେଶ ଦେଲେ। ସେ ଚାରିଆଡ଼େ ବୁଲିଲେ କିନ୍ତୁ ଜଣେହେଲେ ଭଲ ଲୋକ ତାଙ୍କ ଦୃଷ୍ଟିଗୋଚର ହେଲାନାହିଁ। ସେ କୃଷ୍ଣଙ୍କ ନିକଟକୁ ଫେରିଆସି ତାହା ଜଣାଇଲେ।

ଉପରୋକ୍ତ ଗଳ୍ପଟିରୁ ଆମେ ଏହି ଶିକ୍ଷାଲାଭ କରୁ ଯେ ଆମେ ଯଦି ନିଜେ ଭଲ ହେବା ତାହାହେଲେ ସମସ୍ତେ ଆମ ପ୍ରତି ଭଲ ହେବେ। କିନ୍ତୁ ଆମେ ଯଦି ନିଜେ ମନ୍ଦ ଆଚରଣ କରିବୁ ତାହାହେଲେ ସାରା ସଂସାର ଆମକୁ ଅସାର ବୋଲି ପ୍ରତିଭାତ ହେବ। ପ୍ରତ୍ୟେକ ଲୋକ କିଛିନା କିଛି ସୁଗୁଣର ଅଧିକାରୀ। ଆମେ ଯଦି ମନ୍ଦଗୁଣଗୁଡ଼ିକୁ ନିରୀକ୍ଷଣ କରିବାକୁ ଚାହୁଁ, ତେବେ ପ୍ରଥମେ ଆମେ ଆମ ଭିତରେ ତାହା ଆବିଷ୍କାର କରିବା ଉଚିତ। ଆମେ ଯଦି ଏପରି କରୁ ଧୀରେ ଧୀରେ ଆମ ଭିତରେ ଥିବା ଦୁର୍ଗୁଣଗୁଡ଼ିକ ଲୋପ ପାଇଯିବ। ଆମେ ଯଦି ଅନ୍ୟର ଦୋଷଗୁଡ଼ିକ ଖାଲି ବାଛିବସୁ ଏବଂ ନିଜର ଗୁଣଗାନ କରୁ ତେବେ ଆମର ଯାହା କିଛି ସୁଗୁଣ ଥିବ ତାହା ମଧ୍ୟ ଆମକୁ ଛାଡ଼ି ଚାଲିଯିବ। ତଦ୍ୱାରା ଦୁର୍ଗୁଣଗୁଡ଼ିକ ବଢ଼ି ଚାଲିବ। ଏ ସଂସାରରେ ବାସ କରୁଥିବା ଅନେକ ଲୋକଙ୍କ ଆମେ ନିନ୍ଦାଗାନ କରିଥାଉ, ତାଙ୍କୁ ସମାଲୋଚନା କରୁ, ତାଙ୍କର ଅନିଷ୍ଟ ଚିନ୍ତା କରୁ, ଏପରି ଆଚରଣ କରିବା ଦ୍ୱାରା ଆମର ମନ ଦିନକୁ ଦିନ ଦୂଷିତ ହୋଇଯାଏ। ତେଣୁ ଆଧ୍ୟାତ୍ମିକ ପଥରେ ଅଗ୍ରସର ହେବାକୁ ହେଲେ ଅନ୍ୟର କେବଳ ଭଲଗୁଣଗୁଡ଼ିକ ଦେଖିବା ଉଚିତ। ସମସ୍ତଙ୍କ ପ୍ରତି ସ୍ନେହ ପ୍ରଦର୍ଶନ କରିବା ଉଚିତ।

ଆମେ ଯଦି ଅନ୍ୟମାନଙ୍କର ସୁଗୁଣ ପ୍ରତି ଆକର୍ଷିତ ହେଉ, ତାହାହେଲେ ଆମେ ସେମାନଙ୍କ ହୃଦୟରେ ବିରାଜିତ ଥିବା ଈଶ୍ୱରଙ୍କୁ ଦେଖିପାରିବା, କାରଣ କେବଳ ଭଗବାନ ହେଉଛନ୍ତି ଉତ୍ତମ ଓ ଶ୍ରେଷ୍ଠ। ଅନ୍ୟମାନଙ୍କ ହୃଦୟରେ ତାଙ୍କୁ ଦର୍ଶନ କରିପାରିଲେ ଆମେ ନିଜ ଭିତରେ ମଧ୍ୟ ଭଗବାନଙ୍କ ସତ୍ତାକୁ ଉପଲବ୍ଧି କରିପାରିବା। ଆମେ ଯେତେ ସମୟ ପର୍ଯ୍ୟନ୍ତ ଅନ୍ୟକୁ ସମାଲୋଚନା କରୁଥିବା ସେତେବେଳ ପର୍ଯ୍ୟନ୍ତ ଆମେ ସେମାନଙ୍କ ଆତ୍ମାରେ ଥିବା ଈଶ୍ୱରଙ୍କୁ ଦର୍ଶନ କରିପାରିବା ନାହିଁ।

**ରାଜକିଶୋର ମିଶ୍ର**, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ, ଦୂରଭାଷ : ୭୦୦୮୧୮୧୮୨୦

## ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ହୃଦ୍‌ରୋଗର ମାଗଣା ଅସ୍ତ୍ରୋପଚାର



କେନ୍ଦୁଝର (ପିଏନ୍): ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ହୃଦ୍‌ରୋଗରେ ପିଡିତ ଥିବା ୦୫ ଜଣ ଶିଶୁଙ୍କୁ ମାଗଣା ଅସ୍ତ୍ରୋପଚାର ନିମନ୍ତେ ଅହମ୍ମଦାବାଦ ସ୍ଥିତ ସତ୍ୟସାଇ ହୃଦ୍‌ରୋଗ ଚିକିତ୍ସାଳୟକୁ ପ୍ରେରଣ କରାଯାଇଛି। ଚିକିତ୍ସା ନିମନ୍ତେ ଯାଇଥିବା ବିଭିନ୍ନ ବ୍ଲକ୍‌ର ଶିଶୁମାନେ ଯଥା-ଘଟଗାଁ ବ୍ଲକ୍‌ରୁ ୦୨ ଜଣ, ହରିଚନ୍ଦନପୁର ବ୍ଲକ୍‌ରୁ ୦୨ ଜଣ ଏବଂ ପାଟଣା ବ୍ଲକ୍‌ରୁ ୦୧ ଜଣ ଶିଶୁଙ୍କୁ କେନ୍ଦୁଝର ଜିଲ୍ଲା ସଦର ମହକୁମାଠାରୁ ଭୁବନେଶ୍ୱରକୁ ଏବଂ ଭୁବନେଶ୍ୱରରୁ ଅହମ୍ମଦାବାଦକୁ ଟ୍ରେନ୍ ମାଧ୍ୟମରେ ବିନାମୂଲ୍ୟରେ ଗମନାଗମନ କରିବାର ବ୍ୟବସ୍ଥା କରାଯାଇଛି । ଏହି ଶିଶୁ ହୃଦ୍‌ରୋଗୀଙ୍କ ମାଗଣା ଅସ୍ତ୍ରୋପଚାର ସତ୍ୟସାଇ ହୃଦ୍‌ରୋଗ ଚିକିତ୍ସାଳୟ ଅହମ୍ମଦାବାଦ ଠାରେ ହେବ ବୋଲି ଆର୍.ବି.ଏସ୍.କେ ମ୍ୟାନେଜର ବିଜନ କୁମାର ସାହୁ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ମଧ୍ୟ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ୪୬ ଜଣ ଶିଶୁ ହୃଦ୍‌ରୋଗୀଙ୍କୁ ଏହି ଆର୍.ବି.ଏସ୍.କେ. ମାଧ୍ୟମରେ ସତ୍ୟସାଇ ହୃଦ୍‌ରୋଗ ଚିକିତ୍ସାଳୟକୁ ପଠାଯାଇ ସଫଳତାର ସହ ଅସ୍ତ୍ରୋପଚାର କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ସୁଜାତାରାଣୀ ମିଶ୍ର, ଡି.ପି.ଏମ୍. ଏନ୍.ଏନ୍.ଏମ୍. ନିତ୍ୟରଂଜନ ବରାଳ ଏବଂ ଆର୍.ବି.ଏସ୍.କେ ମ୍ୟାନେଜର ବିଜନ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ୦୫ ଜଣ ଶିଶୁଙ୍କୁ ବିନାମୂଲ୍ୟରେ ହୃଦରୋଗର ଅସ୍ତ୍ରୋପଚାର ନିମନ୍ତେ ଅହମ୍ମଦାବାଦକୁ ପଠାଯାଇଛି ଏବଂ ହୃଦରୋଗରେ ପିଡିତ ଥିବା ଶିଶୁମାନଙ୍କର ସହାୟତା ନିମନ୍ତେ ଆର୍.ବି.ଏସ୍.କେ. ଏମ୍.ଏଚ୍.ଟି.ର ଆୟୁଷ ଡାଃ ସୂର୍ଯ୍ୟନନ୍ଦନ ଆଚାର୍ଯ୍ୟଙ୍କୁ ସାଙ୍ଗରେ ପଠାଯାଇଛି ।

## ଅମର୍ଦା ଏୟାରଷ୍ଟ୍ରିପ କାର୍ଯ୍ୟକ୍ଷମ ପାଇଁ ରାସଗୋବିନ୍ଦପୁରରୁ ରାଜଭବନ ପଦଯାତ୍ରା

ବାଲେଶ୍ୱର (ପିଏନ୍)- ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଦାବିକୁ ନେଇ ଉ ର ଓଡ଼ିଶା ପର୍ଯ୍ୟଟନ ବିକାଶ ପରିଷଦ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଗତ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲାର ଜାଗ୍ରତ ପ୍ରହରୀ ଭଞ୍ଜସେନା, ବାଲେଶ୍ୱର ଜିଲ୍ଲାର ଅଗ୍ରଣୀ ଗଣସଂଗଠନ ଭଏସ ଅଫ ବାଲେଶ୍ୱର ଓ କେନ୍ଦୁଝର ଡେଭଲପମେ କାଉନସିଲ ମିଳିତ ଉଦ୍ୟମରେ ଉ ର ଓଡ଼ିଶା ପର୍ଯ୍ୟଟନ ବିକାଶ ପରିଷଦ କାର୍ଯ୍ୟ କରୁଅଛି। ଏଥିରେ ବିଶେଷ କରି ଅମର୍ଦା ଏୟାର ଷ୍ଟ୍ରିପକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦାବିରେ ରାସଗୋବିନ୍ଦପୁରରୁ ରାଜଭବନ ପର୍ଯ୍ୟନ୍ତ ଅକ୍ଟୋବର ୧୧ରୁ ଏକ ପଦଯାତ୍ରା ଆୟୋଜିତ ହେବ। ଏହାସହ ଆସନ୍ତା ବର୍ଷ ଜାନୁଆରୀ ୧୨ ତାରିଖ ଅର୍ଥାତ ଜାତୀୟ ଯୁବ ଦିବସ ଅବସରରେ ଉ ର ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ଓ ଆତ୍ମନିଯୁକ୍ତି ସୃଷ୍ଟି କରିବା ନିମନ୍ତେ ପର୍ଯ୍ୟଟନ ବିକାଶ ରଥ ଆରମ୍ଭ କରାଯିବ। ସେହିପରି ଚଳିତ ବର୍ଷ ନଭେମ୍ବର ୧୩ ତାରିଖରେ ପର୍ଯ୍ୟଟନ ପରିଷଦ ପକ୍ଷରୁ ବାଲେଶ୍ୱରଠାରେ ଏକ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଏହି ଅବସରରେ ଉ ର ଓଡ଼ିଶା ପର୍ଯ୍ୟଟନ ବିକାଶ ପରିଷଦର ସଭାପତି କଳିଙ୍ଗ କେଶରୀ ଜେନା ଯୋଗଦେଇ କହିଥିଲେ ଯେ ଉ ର ଓଡ଼ିଶାରୁ ରାଷ୍ଟ୍ରପତିଙ୍କ ସହ ଜଣେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ, ଜଣେ କେନ୍ଦ୍ରମନ୍ତ୍ରୀ ଏବଂ ଅନ୍ୟ ଜଣେ ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମଧ୍ୟ ରହିଛନ୍ତି। ହେଲେ ଦୁର୍ଭାଗ୍ୟର ବିଷୟ ଯେ ଉ ର ଓଡ଼ିଶାର ଆଖିଦୃଶିଆ ଉନ୍ନତି ହୋଇପାରିନି। ବିଶେଷ କରି ମୟୂରଭଞ୍ଜ, ବାଲେଶ୍ୱର ଏବଂ କେନ୍ଦୁଝର ଜିଲ୍ଲାରେ ରହିଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀର ଆଖିଦୃଶିଆ ଉନ୍ନତି ହୋଇପାରି ନ ଥିବାବେଳେ ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁରସ୍ଥିତ ଅମର୍ଦା ଏୟାର ଷ୍ଟ୍ରିପ ବ ର୍ମାନ ସୁଦ୍ଧା କାର୍ଯ୍ୟକ୍ଷମ ହୋଇପାରିନାହିଁ ବୋଲି କହିଛନ୍ତି। ଅନ୍ୟପଟେ ରାସଗୋବିନ୍ଦପୁର ଏୟାର ଷ୍ଟ୍ରିପକୁ କେନ୍ଦ୍ର ସରକାର ଉଡ଼ାଣ ଯୋଜନାରେ ସାମିଲ କରିଛନ୍ତି। ତେବେ ଏହା କେବେ କାର୍ଯ୍ୟକ୍ଷମ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାବ୍ୟତୀତ ରାଜପଥ ଓ ରେଳପଥ ସମ୍ପ୍ରସାରଣ ହେଲେ ଆ ଳିକ ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉ ର ଓଡ଼ିଶା ପର୍ଯ୍ୟଟନ ବିକାଶ ପରିଷଦର ଆବାହକ ଡ. ସନ୍ଦୀପ ପଟ୍ଟନାୟକ, ପରିଷଦର କାର୍ଯ୍ୟକାରୀ ସଭାପତି ଅରିଜିତ ଘୋଷାଲ, ଉପସଭାପତି ରଣଜିତ ପଣ୍ଡା, ସଂପାଦକ ଗୌତମ ସେଠୀ, ସାଂଗଠନିକ ସଂପାଦକ ଚନ୍ଦନ ଶତପଥୀ ଏବଂ ଉପଦେଷ୍ଟା ଅସିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ହକି ଦଳର ଭୁବନେଶ୍ୱର ଯାତ୍ରା

ବାଲେଶ୍ୱର (ପିଏନ୍)-ଦୀର୍ଘ ୨୦ ବର୍ଷ ପରେ ବାଲେଶ୍ୱର ଜିଲ୍ଲା ହକି ଟିମ୍ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଗତ ରବିବାର ଭୁବନେଶ୍ୱର ଯାତ୍ରା କରିଛନ୍ତି। ୧୬ ଜଣ ଖେଳାଳୀଙ୍କ ସହିତ ଜଣେ ମ୍ୟାନେଜର ଓ ଜଣେ କୋଚ୍ ମଧ୍ୟ ଯାଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଜିଲ୍ଲା କ୍ରୀଡ଼ା ଛାତ୍ରାବାସରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଓ ଜିଲ୍ଲା କ୍ରୀଡ଼ାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଯୋଗଦେଇ ଟିମ୍‌କୁ ଶୁଭେଚ୍ଛା ଜଣାଇଥିଲେ। ୧୭ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡ଼ିୟମ ଓ କିଟ୍ ପଡ଼ିଆରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ।

## ଶାନ୍ତିର ମାର୍ଗ

ଆଜି ସମସ୍ତେ ଖୋଜି ବୋଲୁଛନ୍ତି ଶାନ୍ତି କାହିଁ ? ଅଶାନ୍ତ ମାନବ ଜୀବନ, ଅଶାନ୍ତ କର୍ମମୟ ଜୀବନ, ସଂସାର ଜୀବନ ସହ ଅଶାନ୍ତ ପୃଥିବୀରେ ଶାନ୍ତି ପାଇଁ ସମସ୍ତେ ବ୍ୟାକୁଳ। ଆସନ୍ତୁ ତା ଉପରେ ଗୋଟିଏ ଛୋଟିଆ ଆଲୋଚନା ରଖିବା। ଯେଉଁମାନେ ଈର୍ଷା, ଅହଂକାର ଓ ଅଜ୍ଞାନଭାବ ସମ୍ପନ୍ନ, ସେମାନେ ମାର୍ଗରୁ ଅପସରି ଯାଆନ୍ତି। ଶେଷରେ ସେମାନେ କ୍ଷତିଗ୍ରସ୍ତ ହୁଅନ୍ତି। ମଣିଷର ସର୍ବାଧିକ ପ୍ରୟୋଜନ ହେଉଛି ଶାନ୍ତି। ଶାନ୍ତି ବିନା ଜୀବନର ନିରର୍ଥକ। ପ୍ରଗାଢ଼ ଉଦ୍ୟମ ମାଧ୍ୟମରେ ହେଉ ବା ଅନ୍ୟ କୌଣସି ମାର୍ଗରେ ହେଉ ଶାନ୍ତି ଭାବର ସୁରକ୍ଷା କରିବାକୁ ପଡ଼ିବ। କୋଇଲିର ମଧୁର ଗାନ କାଉକୁ ଭଲ ଲାଗି ନପାରେ ହଂସକୁ ଦେଖି ବତକ ଖୁସି ହୋଇନପାରେ। ଆମେ ଯଦି ଆମ ଖିଆଲ ଦ୍ୱାରା ଭାସିଯିବା ଶେଷରେ ନିଜର ନିଜତ୍ୱ ହରାଇ ବସିବା।

ଧର୍ମରାଜ ରାଜା ମାନଙ୍କ ରାଜା ଥିଲେ। ସେ ଜଣେ ଶକ୍ତିଶାଳୀ ବ୍ୟକ୍ତି ଥିଲେ ଓ ସମସ୍ତ ସଦ୍‌ଗୁଣର ସାକାର ପ୍ରତିମୂର୍ତ୍ତି ଥିଲେ। ତାଙ୍କ ଚାରିଭାଇମାନେ ପ୍ରତ୍ୟେକେ ବଳଶାଳୀ ଓ ପରାକ୍ରମୀ ଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କୁ ନିଜର ପ୍ରଭୁ ଜ୍ଞାନ କରି ଧର୍ମରାଜ ସାଧନା କରୁଥିଲେ। ପାଣ୍ଡବମାନଙ୍କ ଏତେ ସବୁ ଥାଇ ମଧ୍ୟ କ'ଣ ହେଲା ? ଅଧିକରୁ ଅଧିକ ଦୁଃଖ ଯାତନା ଭୋଗିଲେ ସେମାନେ। କୌରବମାନେ ତାଙ୍କ ସ୍ତ୍ରୀଙ୍କୁ ଅବମାନନା କଲେ, ତାଙ୍କୁ ଅରଣ୍ୟକୁ ପଠାଇ ଦେଲେ। ଏ ସବୁ ସତ୍ତ୍ୱେ ଧର୍ମରାଜଙ୍କର ଶାନ୍ତଭାବ ଯୋଗୁଁ ସେମାନେ ସବୁ କିଛି ଫେରି ପାଇଲେ। ସେ ଘୋଷଣା କରି କହିଲେ, 'ଶାନ୍ତି ଆମର ଧର୍ମ, ଶାନ୍ତି ଦ୍ୱାରା ଆମେ ସବୁକିଛି ପାଇ ପାରିବା। ଦୁରାବସ୍ଥାରେ ପଡ଼ି, ଘୃଣା ଓ ଉତ୍ତେଜନା ଦ୍ୱାରା ଆମେ ଶାନ୍ତିରକ୍ଷା କରି ପାରିବା ନାହିଁ। ବରଂ ତଦ୍ୱାରା ଆମେ ସମାଜର କ୍ଷତି କରିବା।' ବାସ୍ତବିକ ଆଜିର ଦୁନିଆ ଏଇ ଶାନ୍ତି ଭାବ ଟିକକ ହରାଇ ବସିଛି। ସେଥିଲାଗି ସର୍ବତ୍ର ଗଣ୍ଡଗୋଳ। ଦୁର୍ଭିକ୍ଷ ଭୟ, ଯୁଦ୍ଧ ଭୟ, ଜାତି, ଧର୍ମ ଓ ବର୍ଣ୍ଣଗତ ସମସ୍ୟା ସର୍ବତ୍ର ପ୍ରବଳ। କ୍ଷମତା ଲୋଭ, ସ୍ୱାର୍ଥପର ଚିନ୍ତା ଓ ଆନ୍ଦୋଳନାତ୍ମକ ମାର୍ଗରେ ଛାତ୍ରମାନେ ପ୍ରବାହିତ। ଏ ସବୁର କାରଣ କ'ଣ ? ଏହାର କାରଣ ଆମେ ଆମ ନିଜର ସ୍ୱଭାବ ଶାନ୍ତିକୁ ଉପଲବ୍ଧି କରିବାକୁ ଅସମର୍ଥ।

ତେବେ ସେ ଶାନ୍ତିଟି କ'ଣ ? ସେ ଗୋଟିଏ ନିର୍ମଳ ପ୍ରେମ ସମ୍ଭୁତ ଗୋଟିଏ ସୁରଭିତ କଳିକା। ସତକର୍ମ ଫଳ ପ୍ରସୂତ ଏକ ସୌରଭ। ପୂର୍ବ ପୂଣ୍ୟ ଲବ୍ଧ। ଏହି ଅମୂଲ୍ୟ ଶାନ୍ତ ଭାବ ହରାଇଲେ ଆମେ ସବୁକିଛି ହରାଇବା। ପୁରାକାଳରୁ ମୁନିଋଷିମାନେ ଶାନ୍ତିର ମହତ୍ୱ ଘୋଷଣା କରି ଆସୁଛନ୍ତି। ଯେତେ ଉପହସିତ ହେଲେ ସୁଦ୍ଧା, ଅନେକ ଯୋଜନା ଭୋଗିଲେ ମଧ୍ୟ ସେମାନେ ତାଙ୍କର ଶାନ୍ତି ଅବ୍ୟାହତ ରଖି ଆସିଛନ୍ତି। ଏହି ପ୍ରାଥମିକ ବସ୍ତୁଟି ମଣିଷ ରକ୍ଷା କରିବା ଦରକାର। ବ୍ୟସ୍ତ ବିବ୍ରତ ହୋଇ ପଡ଼ିଲେ ଆମେ ନିଜର ପରିଚୟ ମଧ୍ୟ ହରାଇ ବସିବା। ମଣିଷ ହିସାବରେ ମଣିଷ ସମାଜରେ ମଣିଷର ଦାୟାଦ ହୋଇ ଜନ୍ମ ଲାଭ କରି ଯଦି ଆମେ ଯଦି ମଣିଷର ଗୁଣ ପ୍ରଦର୍ଶନ ନକରିବା ତେବେ ସେ ମାନବ ଜନ୍ମର ମୂଲ୍ୟ କ'ଣ ? ଶାନ୍ତି ଜୀବନକୁ ସୁରଭିତ କରେ। ଗୋଟିଏ କୁରାଢ଼ି ନେଇ ଚନ୍ଦନ ଗଛକୁ ହାଣିଲେ ଗଛ ସେଥିରେ ପ୍ରତିବାଦ କରେନାହିଁ ବରଂ କୁରାଢ଼ିକୁ ତାର ସୁଗନ୍ଧ ଦେଇଥାଏ। ଧୂପ କାଠିଟିରେ ଅଗ୍ନି ସଂଯୋଗ କଲେ ସେ ବିନା ବାଧାରେ ସୁଗନ୍ଧ ଖେଳାଇ ଦିଏ। ସେହି ଅନୁସାରେ ପ୍ରକୃତ ଭକ୍ତ ଓ ସାଧକ କୌଣସି ପରିସ୍ଥିତିରେ ନିଜର ଶାନ୍ତି କ୍ଷୁର୍ଣ୍ଣ ହେବାକୁ ଦେବା ଉଚିତ ନୁହେଁ, ବରଂ ଚାରିଆଡ଼େ ଆନନ୍ଦ ଖେଳାଇ ଦେବା ଉଚିତ। ଏହି ମୌଳିକ ସାଧନା ମାଧ୍ୟମରେ ଶାନ୍ତି ଲାଭ ହୋଇଥାଏ। ବାହ୍ୟଜଗତରୁ ଶାନ୍ତି ଆଦୌ ମିଳିପାରିବ ନାହିଁ। ନିକଟ ସମ୍ପର୍କୀୟଙ୍କ ପାଖରୁ ମଧ୍ୟ ନୁହେଁ, କୋଠାବାଡ଼ି ସୁନାମ ଓ ଖ୍ୟାତି କେହି ଶାନ୍ତି ଦେଇପାରିବେ ନାହିଁ। ନିଜ ଅନ୍ତରରୁ ଏହା ଉଲ୍ଲସି ଉଠେ, ବାହାରୁ କୌଣସିଠାରୁ ଏହା ଉପାର୍ଜନ କରାଯାଇପାରେ ନାହିଁ।

## ବନ୍ୟା ଜଳବନ୍ଦୀ ବିପନ୍ନଙ୍କ ସମସ୍ୟା

ଭୁବନେଶ୍ୱର (ପିଏନ୍): ବିଭିନ୍ନ ନଦୀର ବନ୍ୟାଜଳ ହ୍ରାସ ହୋଇଥିଲେ ହେଁ, ବନ୍ୟା ଜଳବନ୍ଦୀ ଥିବା ବିପନ୍ନଙ୍କ ଦୁର୍ଦ୍ଦଶା ଏଯାଏଁ କମିନାହିଁ। ଗଙ୍ଗୁଆ ନଦୀରୁ ଉଦ୍‌ବୃ ବନ୍ୟାଜଳରେ ବନ୍ଦୀ ଥିବା ରାଜଧାନୀ ଭୁବନେଶ୍ୱରର ଟିକରପଡ଼ା ପ ାୟତର କଲ୍ୟାଣପୁର ଶାସନ ହରିଜନ ସାହିର ବାସିନ୍ଦା ଏବେ ନାହିଁ ନଥିବା ସମସ୍ୟାରେ ରହିଛନ୍ତି। ବନ୍ୟାଜଳରେ ମାଟିଘର ଏଠାରେ ଭୁଷୁଡ଼ି ପଡ଼ିଥିବାବେଳେ ଗାଁ ଦାଣ୍ଡ ପାର୍ଶ୍ୱରେ ବନ୍ୟାଜଳ ଜମି ରହିବା ଯୋଗୁଁ ସାହିର ପ୍ରାୟ ୫୦ ପରିବାର ମଧ୍ୟରୁ ଅନେକ ନିକଟରେ ଥିବା ଅଙ୍ଗନବାଡ଼ିରେ ରହିଛନ୍ତି। ମୁଖ୍ୟ ଦୟାନଦୀ ବନ୍ଧ ରାସ୍ତାରୁ ଏହି ସାହିକୁ ଗମନାଗମନ ଏକପ୍ରକାର ଠପ୍ ହୋଇଯାଇଛି। ଦୁର୍ଗମ ବନ୍ୟାପ୍ଲାବିତ ଅଂଚଳ ଅଧିବାସୀଙ୍କ ଭଳି ଏଠାକାର ବାସିନ୍ଦାଙ୍କ ଚଳଣି ସ୍ୱାଭାବିକ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଅଂଚଳର ଆ ଳିକ ବିକାଶ ପରିଷଦର ଯୁବକମାନେ ଏକ ମହାନ କାର୍ଯ୍ୟ କରିଛନ୍ତି। ନିଜ ହାତରୁ ଚାନ୍ଦା ଆଦାୟ କରି ଚୁଡ଼ା, ଚିନି ବିସ୍କୁଟ, ପିଇବାପାଣି, ପିଲାମାନଙ୍କ ପାଇଁ ଶୁଖିଲା ଖାଦ୍ୟ ଧରି ପ୍ରାୟ ୪୦୦ ମିଟର ବନ୍ୟାଜଳରେ ଯାଇ ସାହିରେ ପହ ିଥିଲେ। ସେଠାରେ ଲୋକମାନଙ୍କର ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସମସ୍ୟା ପଚାରି ବୁଝିବା ସହ ଏହି ସମସ୍ତ ଖାଦ୍ୟକୁ ବ ନ କରିଥିଲେ। ବୃନ୍ଦାବନ ସାହୁଙ୍କ ନେତୃତ୍ୱରେ ପ୍ରଶାନ୍ତ ମିଶ୍ର, ଲକ୍ଷ୍ମୀଧର ପ୍ରଧାନ, ଲଳିତ ମୋହନ ବେହେରା, ଲିଙ୍ଗରାଜ ଜେନା, ଅରୁଣ ପୁରୋହିତ, ବାବୁଲି ସ୍ୱାଇଁ, ତପନ ସାମନ୍ତରାୟ ପ୍ରମୁଖ ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ଯୁବକମାନଙ୍କର ଏଭଳି ସହଯୋଗକୁ ଅଂଚଳବାସୀ ପ୍ରଶଂସା କରିଥିଲେ।

## ବନ୍ୟାରେ ଉଜୁଡ଼ି ଗଲା ଚାଷୀର ବର୍ଷକର ଫସଲ



ଫୁଲନଖରା (ପିଏନ୍)-ସିଡୁଆ ନଦୀରେ ବନ୍ୟା ଆସିବା ଦ୍ୱାରା ଚାଷୀମାନଙ୍କର ହଜାର ହଜାର ହେକ୍ଟର ପରିବା ଫସଲ ପାଣିରେ ବୁଡ଼ିକି ଅଛି । ସଦର ଥାନା ଅନ୍ତର୍ଗତ ସିଡୁଆ ନଦୀ ପଠାରେ ଥିବା ନିଜ ଜମିରେ ସଇଁନ୍ଧା, ଖଣ୍ଡେଏତା, ନାଗବାଲି, ଧାନହରାପଡ଼ା, ଶଙ୍ଖତ୍ରାସ, ଉଷୁମା, କୋରକରା ଓ ଖଲର୍ଦ୍ଧାର ଚାଷୀମାନେ ପୋଟଳ, ଜହ୍ନି, ବାଇଗଣ, କଖାରୁ, ବରୁଗୁଡ଼ି, କଲରା, ଭେଣ୍ଡି, ସାରୁ ଚାଷ କରିଥିବା ହଜାର ହଜାର ହେକ୍ଟର ଜମିରେ ପାଣି ମାଡ଼ିଯିବାରୁ ଫସଲ ସଂପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି । ଏହି ଚାଷପ୍ରଧାନ ଗ୍ରାମଗୁଡ଼ିକର ଅଧିକାଂଶ ଚାଷୀ ଏହି ଜମିରେ ଚାଷ କରି ନିଜର ପିଲା ଛୁଆ ପ୍ରତିପୋଷଣ କରିବା ସହ ନିଜର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିଥାନ୍ତି । ଫସଲ ଉପରେ ପାଣି ମାଡ଼ି ଯିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ବନ୍ୟା ଛାଡ଼ି ଗଲାପରେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଫସଲ କ୍ଷୟକ୍ଷତିକୁ ଆକଳନ କରି ଚାଷୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ସେମାନେ ଦାବି ଜଣାଇଛନ୍ତି ।

## ସଦ୍‌ଭାବନା ଦିବସ ପାଳନ ଅବସରରେ ଶପଥ ପାଠ

ବାଲେଶ୍ୱର (ପିଏନ୍)-ସଦ୍‌ଭାବନା ଦିବସ ପାଳନ ଅବସରରେ ପୂର୍ବାହ୍ନ ୧୦ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଶପଥ ପାଠ କାର୍ଯ୍ୟକ୍ରମ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଗୃହ ବିଭାଗ ଓ କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରାଳୟର ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ଉପସ୍ଥିତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ । ଜାତି, ସମ୍ପ୍ରଦାୟ, ଧର୍ମ, କ୍ଷେତ୍ର ଓ ଭାଷାର ଭେଦଭାବ ବିନା ସମସ୍ତ ଭାରତୀୟଙ୍କ ଭାବନାତ୍ମକ ଏକତା ଏବଂ ସଦ୍‌ଭାବନା ନିମନ୍ତେ କାର୍ଯ୍ୟ କରିବା ଏବଂ ହିଂସାର ଆଶ୍ରୟ ନ ନେଇ ସମସ୍ତପ୍ରକାର ମତଭେଦକୁ କଥାବାର୍ତା, ଆଲୋଚନା ଓ ସାମ୍ବିଧାନିକ ବିଧି ମୁତାବକ ସମାଧାନ କରିବାକୁ ସମସ୍ତେ ଶପଥ ଗ୍ରହଣ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ କୁନ୍ତଳା କୁମାରୀ ମଲ୍ଲିକ, ସହକାରୀ ଜିଲ୍ଲାପାଳ ସ୍ୱାଗତିକା ଦାସ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ବିଶ୍ୱଦର୍ଶୀ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀ, କର୍ମଚାରୀ, ବିଭିନ୍ନ ବ୍ଲକରେ କାର୍ଯ୍ୟରତ ସିଡିପିଓ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଙ୍ଗନୱାଡି କର୍ମୀ ପ୍ରମୁଖ ଏହି ଶପଥପାଠ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## କୁଖ୍ୟାତ କାର ଠକ ଗିରଫ

ଫୁଲନଖରା (ପିଏନ୍)-ବିଭିନ୍ନ ଜିଲାରୁ କାର ଲୁଟ କରିବା ଅଭିଯୋଗରେ ସଦର ଥାନା ପୋଲିସ ଜଣେ ପୁରୁଣା କାର ଲୁଟେରାକୁ ଗିରଫ କରିଛି। ତା' ନିକଟରୁ ଏକ ମାରୁତି ବଲେନୋ କାର ଜବତ ହୋଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ସଦର ଥାନା ସାଙ୍ଗଶୋ ମୌଜାର ରଂଜନକୁମାର ବେହେରା (୨୯) କାର ମାଲିକ ମାନଙ୍କ ନିକଟକୁ ଯାଇ ସେମାନଙ୍କ କାର ବିକ୍ରି କରିଦେବାକୁ କହି କୌଶଳକ୍ରମେ ଗାଡ଼ି ନେଇ ଯାଉଥିଲା। ପ୍ରଥମେ ଅଳ୍ପ କିଛି ଟଙ୍କା ଦେଲାପରେ ଆଉ ଧରାଛୁଆଁ ଦେଉ ନ ଥିଲା। ଏଭଳି କାରବାର ସେ ଆଠଗଡ଼, ଖୁଣ୍ଟୁଣି, ଲକ୍ଷ୍ମୀସାଗର, ଚାଉଳିଆଗଂଜ, ବାଦାମବାଡ଼ି ସମେତ ସଦର ଥାନା ଅଞ୍ଚଳରେ ଦୀର୍ଘଦିନ ଧରି ଚଳାଇଆସିଛି। ଏହି ଘଟଣାରେ ସେ ପୂର୍ବରୁ ଜେଲ ମଧ୍ୟ ଯାଇଥିବା ପୁଲିସ ଜାଣିବାକୁ ପାଇଛି। କଟକର ଲିଲି ନାୟକ ନାମକ ଜଣେ ମହିଳାଙ୍କ ବଲେନୋ କାରକୁ ବିକିଦେବ କହି ତାଙ୍କ ସହିତ ଚୁକ୍ତି କରିଥିଲା। ମାତ୍ର ଏ ବାବଦ ଟଙ୍କା ପରିଶୋଧ ନକରି ଲୁଚିବାରୁ ଲିଲି ସଦର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ପୁଲିସ ତଦନ୍ତ କରିବା ସହିତ ଅଭିଯୁକ୍ତ ରଂଜନକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ରଶ୍ମିରଂଜନ ମହାପାତ୍ର କହିଛନ୍ତି।

## ବିଜେବି କଲେଜରେ ବୈଭବୀ ଦାଶଙ୍କୁ ଉଦୟନାଥ ସ୍ମାରକୀ ସମ୍ମାନ

ଭୁବନେଶ୍ୱର (ପିଏନ୍): ଯୁକ୍ତ ୩ ବିଜେବି ମହାବିଦ୍ୟାଳୟର ଆନ୍ଥ୍ରୋପଲୋଜି ବିଭାଗରେ ସର୍ବଶ୍ରେଷ୍ଠ ନମ୍ବର ରଖିଥିବା ବୈଭବୀ ଦାଶଙ୍କୁ ଉଦୟନାଥ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଛି। ଏଥିସହ ୪ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହି ସମ୍ମାନ ପ୍ରଦାନ ବେଳେ କଲେଜର ଅଧ୍ୟକ୍ଷ ଡ଼ ନିରଂଜନ ମିଶ୍ର, ଆନ୍ଥ୍ରୋପଲୋଜି ବିଭାଗର ମୁଖ୍ୟ ଇତିଶ୍ରୀ ପାଢ଼ୀ ଓ ସୋସଲଜି ବିଭାଗ ମୁଖ୍ୟ ବିଭାବରୀ ବଳ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟିତ



ଫୁଲନଖରା (ପିଏନ୍)-କଟକ ବିଦ୍ୟୁତ ମଣ୍ଡଳ ଗୋପାଳପୁର ଉପଖଣ୍ଡ ଅଧିନ ଅଡ଼ଶପୁର ପ୍ରଭାଗଦ୍ୱାରା ଫତେଗଡ଼ଠାରେ ଏକ ଗ୍ରାହକ ସେବା କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ଆଜାଦି କା ଅମୃତ ମହୋତ୍ସବ ଅବସରରେ ଉଦଘାଟିତ ଏହି ଉତ୍ସବରେ ଟାଟା ପାୱାର କଟକ ମଣ୍ଡଳ ଅଧିକ୍ଷଣ ଯନ୍ତ୍ରୀ ଇଂ. ଦେବାଶିଷ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ. ମନୋଜକୁମାର ସାହୁ, ଗୋପାଳପୁର ଏସଡ଼ିଓ ଇଂ. ଛବିଳ ବେହେରା ଓ ରଂଜନକୁମାର ଜେନା ଅତିଥିରୂପେ ଯୋଗ ଦେଇଥିଲେ। ଏହି କେନ୍ଦ୍ରଦ୍ୱାରା ବିଦ୍ୟୁତ ଉପଭୋକ୍ତାମାନଙ୍କୁ ତ୍ୱରିତ ସେବା ଯୋଗାଇ ଦିଆଯିବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିମାଂଶୁ ଶର୍ମା, ଚିତ୍ତରଂଜନ ବିଶ୍ୱାଳ, ସରପଞ୍ଚ ସୁରେଶ ଭୋଇ, ବିଶ୍ୱରଂଜନ ସାହୁ, ଜ୍ଞାନରଂଜନ ମହାନ୍ତି, ପ୍ରବୋଧ ରଣା ପ୍ରମୁଖ ଉପସ୍ଥିତ ଥିଲେ। ରଶ୍ମିରଂଜନ ମହାନ୍ତି, ରମେଶ ଜେନା, ଚକ୍ରଧର ମହାରଣା, ବସନ୍ତ ପ୍ରତାପ, ମନ୍ମଥ ଘୋଷ, ରବିନ୍ଦ୍ର ସାହୁ ଓ ତ୍ରିନାଥ ଜେନା ପ୍ରମୁଖ ଲାଇନମ୍ୟାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

ଖେଳ


# ପର୍ଯ୍ୟବେକ୍ଷକ

Bhubaneswar Sanday September 08 2024 ଭୁବନେଶ୍ୱର ରବିବାର, ସେପ୍ଟେମ୍ବର ୦୮,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ସେପ୍ଟେମ୍ବର ୧୩ ରେ ପାରାଦୀପ ପୋର୍ଟ ଜିଲ୍ଲା ଫୁଟବଲ ଟିମ ପାଇଁ ଖେଳାଳି ଚୟନ

ପାରାଦୀପ,(ପି.ଏନ): ଆସନ୍ତା ସେପ୍ଟେମ୍ବର ମାସ ୨୫ ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମ ଠାରେ ସିନିୟର ଆନ୍ତଃ ଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ 'ସାହାଣୀ କପ' ଆୟୋଜିତ ହେବ । ଏହି ଟୁର୍ଣ୍ଣାମେଣ୍ଟ ପାଇଁ ପାରାଦୀପ ପୋର୍ଟ ଜିଲ୍ଲା ଫୁଟବଲ ଟିମ ର ଖେଳାଳି ଚୟନ ପାଇଁ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଚଳିତ ସେପ୍ଟେମ୍ବର ମାସ ୧୩ ତାରିଖ ସକାଳ ୮ ଟାରୁ ୧୦ ଟା ଏବଂ ସନ୍ଧ୍ୟା ୪ ଟା ଠାରୁ ୬ ଟା ପର୍ଯ୍ୟନ୍ତ ଖେଳାଳି ଚୟନ କରାଯିବ । ଇଚ୍ଛୁକ ଖେଳାଳି ମାନେ ନିର୍ଦ୍ଦିଷ୍ଟ ତାରିଖ,ସ୍ଥାନ ଓ ସମୟ ରେ ପହଞ୍ଚି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ । ସବିଶେଷ ବିବରଣୀ ପାଇଁ ଫୁଟବଲ ପ୍ରଶିକ୍ଷକ ରବି ଦାସ ଙ୍କ ମୋବାଇଲ ନମ୍ବର ୯୪୩୭୩୧୭୧୩୩ ରେ ଯୋଗାଯୋଗ କରିବାକୁ ଏବଂ ଆଗ୍ରହୀ ଖେଳାଳି ମାନେ ଚୟନ ପ୍ରକ୍ରିୟା ସମୟରେ ଗୋଟିଏ ପାସପୋର୍ଟ ସାଇଜ ଫୋଟୋ, ଜନ୍ମ ବା ମାଟ୍ରିକ ସାର୍ଟିଫିକେଟ/ ପ୍ୟାନକାର୍ଡ/ଡ୍ରାଇଭିଂ ଲାଇସେନ୍ସ/ଆଧାର କାର୍ଡ ଆଣିବାକୁ ଗୋପବନ୍ଧୁ କ୍ରୀଡା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି ।







## ଆଦର୍ଶ ଶିକ୍ଷକ ଭଜକୃଷ୍ଣ ରାଉତଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,(ପି.ଏନ): ଆଦର୍ଶ ଶିକ୍ଷକ ଭଜକଷ୍ଣ ରାଉତଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ଛଗରିଆ ସ୍ଥିତ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ କହିଲେ ଭଜସାର ଜଣେ ଆଦର୍ଶ ଶିକ୍ଷକ ଭାବେ ପିଲାଙ୍କୁ ମଣିଷ ପରି ମଣିଷଟିଏ ଭଳି ଗଢିତୋଳୁଥିଲେ । ତାଙ୍କ ଠାରୁ ଶିକ୍ଷାଗ୍ରହଣ କରି ଦେଶ ବିଦେଶରେ ବହୁ ଛାତ୍ରଛାତ୍ରୀ ନିଜକୁ ପ୍ରତିଷ୍ଠିତ କରିଛନ୍ତି । ଭଜ ସାରଙ୍କ ପାଠପଢା ସହ ତାଙ୍କ ବେତ ପାହାର ମଧ ଅନେକ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ କରି ଗଢିବାରେ ସହାୟକ ହୋଇଥିଲା । ଶିକ୍ଷକତା ବୃ ି ଶେଷ କରିବା ପରେ ସେ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଜନସାଧାରଣଙ୍କ ସେବା କରିବାରେ ବାକି ଜୀବନ ବିତାଇ ଦେଇଥିଲେ । ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଗଠନ କରିବା ଠାରୁ ଆରମ୍ଭ କରି ସାମାଜିକ, ଓ ସାଂସ୍କୃତିକ ଅନୁଷ୍ଠାନ ଗଢିବାରେ ସେ ମୁଖ୍ୟ ବିନ୍ଧାଣୀ ଥିଲେ । ଜିଲ୍ଲା ରାଜନୀତିରେ ତାଙ୍କର ବେଶ ପ୍ରଭାବ ରହିଥିଲେ ମଧ କୌଣସି ପଦପଦବୀରେ ରହିବାକୁ ସେ ପସନ୍ଦ କରି ନଥିଲେ । ରାଜନେତା ଓ ଜନପ୍ରତିନିଧିମାନଙ୍କ ଦୋଷ ଦୁର୍ବଳତାକୁ ସେ ବିଭିନ୍ନ ସଭାସମିତିରେ ସେମାନଙ୍କ ସମ୍ମୁଖରେ ପ୍ରକାଶ କରିବାକୁ ସେ କୁଣ୍ଠାବୋଧ କରୁନଥିଲେ । ରାଜନେତାମାନେ ମଧ ସେହି ସଭାରେ ନିଜର ଭୁଲ ସ୍ୱୀକାର କରିବା ସହ ଭଜ ସାରଙ୍କୁ ଯଥେଷ୍ଟ ସମ୍ମାନ ପ୍ରଦାନ କରୁଥିଲେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ବିଜେଡି ଯୁବ ନେତା ରାଜେଶ ପଣ୍ଡାଙ୍କ ପରିଚାଳନା ଓ ଅଧାପକ ଅଜୟ ସାମଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସାଂସଦ ବୈଜୟନ୍ତ ପଣ୍ଡା, ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଗୀତାଞ୍ଜଳୀ ସେଠୀ, କିଶୋର ପଣ୍ଡା, ଧୀରେନ୍ ସାହୁ, ଯଯାତୀକେଶରୀ ମହାନ୍ତି, କାଶୀନାଥ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ଓଡିଶା ଗୋସୋକୁ ରିଓ କରାଟେ ଆସୋସିଏସନ ପକ୍ଷରୁ କରାଟେକା ମାନଙ୍କୁ କଲର ବେଲ୍ଟ ପ୍ରଦାନ

ପାରାଦୀପ,(ପି.ଏନ): ଓଡିଶା ଗୋସୋକୁ ରିଓ କରାଟେ ଆସୋସିଏସନ (ଆଇଜିକେଏ) ପକ୍ଷରୁ କରାଟେକା ମାନଙ୍କୁ କଲର ବେଲ୍ଟ ପ୍ରଦାନ କାର୍ଯ୍ୟକ୍ରମ ମଧୁବନ ସ୍ଥିତ ଆମ୍ବେଦକର ପାର୍କ ଠାରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ପାରାଦୀପ ବନ୍ଦର କ୍ରୀଡା ଉପଦେଷ୍ଟା ରବି ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ବର୍ଗର ପ୍ରାୟ ଶହେ ଜଣ କରାଟେକା ଙ୍କୁ ବେଲ୍ଟ ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ ।







### ଛୁଟି ଘୋଷଣା

ନୂଆଁଖାଇ ଉପଲକ୍ଷେ 'ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ସେପ୍ଟେମ୍ବର ୯ ତାରିଖ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୦ ତାରିଖରେ ପ୍ରକାଶ ପାଇବ ।

-ପ୍ରକାଶକ

### ଅଭିନନ୍ଦନ

ନୂଆଁଖାଇ ଉପଲକ୍ଷେ ଆମର ଅଗଣିତ ପାଠକ-ପାଠିକା, ବିଜ୍ଞାପନଦାତା, ବିତରକ ଓ ଶୁଭେଚ୍ଛୁଙ୍କୁ ସ୍ୱପର୍ଯ୍ୟବେକ୍ଷକ'ର ହାର୍ଦ୍ଦିକ ଅଭିନନ୍ଦନ । -ସମ୍ପାଦକ




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray